ଧରିତ୍ରୀ
DHARITRI

October 27-November 2, 2019 ₹ 2/-

# ଛୁଟିଦିନ




# ଝୋଟି



୩ ପ୍ରଚ୍ଛଦ ପ୍ରସଙ୍ଗ

ଆମ ପରମ୍ପରା ଓ
ଚଳଣିର ଏକ ସୁନ୍ଦର ନିଦର୍ଶନ
ଝୋଟି ବା ରଙ୍ଗୋଲି, ଯାହା
କେବଳ ଦେଖିବାକୁ
ଆକର୍ଷଣୀୟ ନୁହେଁ
ସୌଭାଗ୍ୟର ପ୍ରତୀକ ମଧ୍ୟ...



୮/୯ ସିନେମା

ସହରଠୁ ଦୂର ୧୩

## ଏମିତି ପାଳନ୍ତୁ ଦୀପାବଳି

ଦୀପାବଳିକୁ ଏମିତି କିଛି ନିଆରା ଢଙ୍ଗରେ ପାଳନ କରନ୍ତୁ ଯାହା ହୋଇଯିବ ଆପଣଙ୍କ ପାଇଁ ଖାସ୍ ....



* ଏହି ଅବସରରେ ଅଭାବୀ ଲୋକଙ୍କୁ କିଛି ଦାନ କରନ୍ତୁ। ଅନାଥ ଶିଶୁ ବା ବେସାହାରା ବୃଦ୍ଧାବୃଦ୍ଧଙ୍କ ସହ ଏହି ଦିନଟିକୁ ପାଳନ କରନ୍ତୁ ଦେଖିବେ ନିଶ୍ଚୟ ଆତ୍ମ ସନ୍ତୋଷ ଲାଭ କରିବେ।
* ପରିବେଶ ପ୍ରଦୂଷଣ କରୁଥିବା ବାଣ କିଣିବା ଏବଂ ଫୁଟାଇବାରେ ଟଙ୍କା ନଷ୍ଟ ନ କରି ବରଂ ଏକ ଗଛ ଲଗେଇବାକୁ ଚେଷ୍ଟା କରନ୍ତୁ ଏବଂ ଘରକୁ ଆସୁଥିବା ଅତିଥିଙ୍କୁ ମଧ୍ୟ ଦିଅନ୍ତୁ ଯାହା ପରିବେଶ ପ୍ରତି ଆପଣଙ୍କର ଏକ ଉଚିତ ଉପହାର ହେବ।
* ନିଜର କୌଣସି ପୁରୁଣା ବନ୍ଧୁ ବା ପ୍ରିୟଜନଙ୍କ ଘରେ ହଠାତ୍ ପହଞ୍ଚି ଯାଇ ତାଙ୍କୁ ସପ୍ରାଇଜ ଦିଅନ୍ତୁ। ଅଥବା ବହୁତ ଦିନ ଧରି କଥା ହୋଇନଥିବା ବନ୍ଧୁଙ୍କୁ ଟେକ୍ସଟ୍ ମେସେଜ କରିବା ଅପେକ୍ଷା କଲ କରି ଶୁଭେଚ୍ଛା ଜଣାନ୍ତୁ।
* ପରିବାରରେ ଥିବା ବୟୋଜ୍ୟେଷ୍ଠ ସଦସ୍ୟଙ୍କ ସହ ସମୟ ଅତିବାହିତ କରନ୍ତୁ। ସେମାନଙ୍କୁ କିଛି ଛୋଟ ଉପହାର ମଧ୍ୟ ଦେଇପାରିବେ ଯାହାଦ୍ୱାରା ସେମାନେ ନିଜକୁ ସ୍ୱତନ୍ତ୍ର ମନେ କରବେ।
* ଘର ସଜେଇବା ପାଇଁ ଦାମୀ କ୍ୟାଣ୍ଡେଲ, ଦୀପ ନ କିଣି ବରଂ ନିଜ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା ଦୀପ ବିକାଳିଙ୍କଠାରୁ ଦୀପ କିଣି ଘର ସଜାଇପାରିବେ।
* ଏହି ଦିନ ଆପଣଙ୍କ ଜୀବନରେ ମୂଲ୍ୟ ରଖୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧନ୍ୟବାଦ ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଉପସ୍ଥିତି ଆପଣଙ୍କ ଜୀବନରେ କ'ଣ ମୂଲ୍ୟ ରଖେ ତାହା ସେମାନଙ୍କୁ ଅବଶ୍ୟ ଜଣାନ୍ତୁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨୭-ନଭେମ୍ବର ୨

**ମେଷ**: କାର୍ଯ୍ୟସିଦ୍ଧି, ବନ୍ଧୁଙ୍କ ସହାନୁଭୂତି, ଘର ସାଜସଜ୍ଜା, ପଡ଼ୋଶୀଙ୍କ ସାହାଯ୍ୟ, ପାରିବାରିକ ତିକ୍ତତା, ଭ୍ରମଣ ହେତୁକ କ୍ଳାନ୍ତି। ମାନସିକ ଅବସାଦ, ଭ୍ରାତୃ ସମ୍ପର୍କ ବୃଦ୍ଧି। ବକେୟା ପାଉଣା ପ୍ରାପ୍ତି, ସହକର୍ମୀମାନଙ୍କ ସହଯୋଗ, ପାରିବାରିକ ସୌଖ୍ୟ।

**ବୃଷ**: ପାରିବାରିକ ସମସ୍ୟା, ଭାବପ୍ରବଣତା ବୃଦ୍ଧି, ମନୋବଳ କମିବ, ବ୍ୟବସାୟିକ ପ୍ରତିବନ୍ଧକ, ପରିସ୍ଥିତି ବଦଳିବ, ବ୍ୟବସାୟିକ ଉନ୍ନତି, ବିବାଦୀୟ ପରିସ୍ଥିତି, ବନ୍ଧୁମିଳନ, ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, କର୍ମରେ ଶିଥିଳତା।

**ମିଥୁନ**: ମାନସିକ ଅଶାନ୍ତି, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଭ୍ରମଣକ୍ଳାନ୍ତି, ବିବାଦରେ ଜଟିଳତା, ପରିବହନରେ ଝଗଡ଼ା। ପରୋକ୍ଷ ଶତ୍ରୁତା, ଧର୍ମକାର୍ଯ୍ୟ, ବୃତ୍ତିବାଣିଜ୍ୟରୁ ଲାଭ, ସମସ୍ୟାର ସମାଧାନ।

**କର୍କଟ**: ମାନସିକ ଶାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ସଙ୍କଟ। ଭ୍ରମଣ କ୍ଲେଶ, ଭ୍ରାତୃ ସମ୍ପର୍କହାନି, ଶିକ୍ଷାରେ ସଫଳତା। ମିଥ୍ୟା ଗୁଜବ, ଉଚ୍ଚସ୍ତରରୁ ସମ୍ମାନ, ବାଦବିବାଦର ସମାଧାନ, ପ୍ରତିବନ୍ଧକ ହଟିଯିବ, ପଡ଼ୋଶୀଙ୍କ ଈର୍ଷା, କଳାପ୍ରିୟ ହେବେ।

**ସିଂହ**: ସ୍ନାୟବିକ ଦୁର୍ବଳତା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ମନୋରଞ୍ଜନରେ ଆଗ୍ରହ, ସ୍ତ୍ରୀଙ୍କ ପ୍ରେରଣା, ଆର୍ଥିକ ଉନ୍ନତି। ବ୍ୟୟବହୁଳ ଶିକ୍ଷା, ପେଟ ଗୋଳମାଳ, ନୂତନ ନିଯୁକ୍ତି, ଜମାରାଶି ପାଇବେ, ବିଳାସପ୍ରିୟ ହେବେ।

**କନ୍ୟା**: ନୂତନ ମିତ୍ରତା, ମାଙ୍ଗଳିକ କାମ, ଭାବପ୍ରବଣତା ବୃଦ୍ଧି, ଆର୍ଥିକ ସମସ୍ୟା, ଦୁଃସାହସିକ ପଦକ୍ଷେପ, ପଦମର୍ଯ୍ୟାଦା ବୃଦ୍ଧି, ପ୍ରଶାସନିକ ସଫଳତା, ଧର୍ମସଂକଟ, ମାନସିକ ଅସ୍ଥିରତା ।

**ତୁଳା**: ବନ୍ଧୁମିଳନ, ଭ୍ରମଣ ସୁଯୋଗ, ଶିକ୍ଷାରେ ସଫଳତା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ। ମୁକାବିଲା, ଯାନବାହନରେ ସତର୍କତା, ପଡ଼ୋଶୀଙ୍କ ସମାଲୋଚନା, ସନ୍ତାନଙ୍କ ସମସ୍ୟା, ପରୋକ୍ଷ ଶତ୍ରୁତା, ସ୍ତ୍ରୀଙ୍କ ସହ ମତାନ୍ତର, ଧର୍ମକାର୍ଯ୍ୟରେ ବାଧା।

**ବିଛା**: ନୂତନ କର୍ମାରମ୍ଭ, କଠୋର ବାକ୍ୟାଳାପ, ଯାନବାହନ କ୍ରୟ, ନିଜ ପରିସରରେ ପ୍ରତିଷ୍ଠା, ନିର୍ମାଣରେ ରୋକ୍, ନିଃସଙ୍ଗତାବୋଧ, ଚୁକ୍ତିପତ୍ର ସ୍ୱାକ୍ଷରିତ। ପାରିବାରିକ ସହଯୋଗ, ନୈରାଶ୍ୟଜନିତ ଦୁଃଖ, ସ୍ୱର୍ଣ୍ଣାଳଙ୍କାର କ୍ରୟ, ବିଦ୍ୟୁତ୍ ଆଘାତ।

**ଧନୁ**: ବନ୍ଧୁଙ୍କ ସହ ମିଶିବେ, ପାରିଶ୍ରମିକ କମିବ, ସମସ୍ୟା ସମାଧାନ। ମାନସିକ ସୁସ୍ଥତା, ସଙ୍ଗଦୋଷ, ସଭାସମିତିକୁ ଆହ୍ୱାନ, ପାରିବାରିକ ସୌଖ୍ୟ, ଋଣ ପରିଶୋଧ, ଚାକିରି ଅଫର୍, ରାଜନୈତିକ ଅସ୍ଥିରତା।

**ମକର**: ଟେନ୍ସନ ବଢ଼ିବ, ସମସ୍ୟାର ସମାଧାନ, ଯୋଜନାରେ ବିଫଳତା, ବସ୍ତ୍ରଭୂଷଣ ଲାଭ, ପଡ଼ୋଶୀଙ୍କ ପରାମର୍ଶ। ବିଦେଶ ଯାତ୍ରା, ବନ୍ଧୁ ସମ୍ପର୍କ ବୃଦ୍ଧି, ସହକର୍ମୀଙ୍କ ପ୍ରତିବାଦ, ଶୁଭଖବର ପ୍ରାପ୍ତି, କରଜଦାତାଙ୍କ ଚାପ।

**କୁମ୍ଭ**: ମାନସିକ ଦ୍ୱନ୍ଦ୍ୱ, ମିତ୍ରବନ୍ଧୁ ଜୁଟିବେ, ଧନହାନି, ତର୍କ ଓ ବିବାଦ, କଳାସାହିତ୍ୟରେ ଉନ୍ନତି, ଚଳଚ୍ଚିତ୍ର ରିଲିଜ୍ ହେବ, ପିତାଙ୍କ ସ୍ୱାସ୍ଥ୍ୟ ସମସ୍ୟା, ସହକର୍ମୀଙ୍କ ଅସହଯୋଗ, ଧର୍ମକାର୍ଯ୍ୟରେ ପ୍ରତିବନ୍ଧକ, ଶତ୍ରୁ ଉପଦ୍ରବ, ମିଥ୍ୟା ଗୁଜବ।

**ମୀନ**: ମାଙ୍ଗଳିକ କାର୍ଯ୍ୟ, ପ୍ରତିକୂଳ ପରିସ୍ଥିତି, ଉପରିସ୍ଥଙ୍କ ଚାପ, ବୁଝାମଣାରେ ଦ୍ୱନ୍ଦ୍ୱ, ପ୍ରତ୍ୟୁଷ ଯାତ୍ରା, ପ୍ରାପ୍ୟଧନରେ ବାଧା, ଅଧ୍ୟାପନାରେ ତ୍ରୁଟି, କାର୍ଯ୍ୟହାନି, ଯାତ୍ରା ସ୍ଥଗିତ, ବୃଥା ସନ୍ଦେହରୁ କଳହ, ସମ୍ପର୍କରେ ଭଙ୍ଗା, ଦୁଃସାହସରୁ ସମସ୍ୟା।

## ଦୀପାବଳିରେ ଉପହାର

ଦୀପାବଳିରେ ବନ୍ଧୁ ପରିଜନଙ୍କୁ କେଉଁଭଳି ଉପହାର ଦେବା ଦ୍ୱାରା ଶୁଭ ଲାଭ ମିଳିଥାଏ ସେ ସମ୍ପର୍କରେ...




* ଦୀପାବଳି ଅବସରରେ ଧାତୁ ନିର୍ମିତ ଯେକୌଣସି ଉପହାର ଦେବା ଶୁଭ ବୋଲି କୁହାଯାଇଥାଏ। ଏହା ଦ୍ୱାରା ଧନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।
* ଏହି ଅବସରରେ ଗଛ ଉପହାର ସ୍ୱରୂପ ଦେବା ମଧ୍ୟ ଶୁଭ ବୋଲି କୁହାଯାଏ। ଏହା ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିଥାଏ ବୋଲି କୁହାଯାଏ।
* ପିଲାମାନଙ୍କୁ ପେପର ସମ୍ବନ୍ଧିତ କୌଣସି ଉପହାର ଦେଇପାରନ୍ତି ଏହା ଦ୍ୱାରା ଅଧ୍ୟୟନ କ୍ଷେତ୍ରରେ ଶୁଭଫଳ ପ୍ରାପ୍ତି ହୋଇଥାଏ।
* ଏହି ଅବସରରେ ପୋଷାକ ପ୍ରଦାନ କରିବା ମଧ୍ୟ ଶୁଭ। ଏହାଦ୍ୱାରା ସମ୍ପର୍କ ସୁଦୃଢ଼ ହୋଇଥାଏ।
* ନିଜ ଜୀବନ ସାଥୀଙ୍କୁ ଏହି ଅବସରରେ କୌଣସି ପରଫ୍ୟୁମ ଉପହାର ଦେବା ଦ୍ୱାରା ତିକ୍ତତା ଦୂର ହୋଇ ସମ୍ପର୍କରେ ସୁଖ ଶାନ୍ତି ବିରାଜମାନ କରିଥାଏ।
* ଏହି ଅବସରରେ ପ୍ରାକୃତିକ ଫୁଲ ପ୍ରଦାନ କରିବା ମଧ୍ୟ ଶୁଭ। ଏହା ଦ୍ୱାରା ବହୁଦିନ ଧରି ସମ୍ପର୍କରେ ଥିବା ଫାଟ ଦୂରେଇ ଯାଏ ବୋଲି ବିଶ୍ୱାସ ରହିଛି।

## ପାଠକୀୟ

–ସଂସ୍କୃତି, ପରମ୍ପରାକୁ ସମ୍ମାନ ଦେବା ସହ ଖୁସି ମନେଇବାର ଅନ୍ୟନାମ ହେଉଛି ପୂଜାପାର୍ବଣ। କିନ୍ତୁ ଏବେ ସାଜସଜ୍ଜା, ରଙ୍ଗ ଆଉ ଭସାଣିକୁ ନେଇ ଯେଉଁ ପ୍ରତିଯୋଗିତା ଚାଲିଛି, ସେଥିରେ ଆମେ କେବଳ ମାରାତ୍ମକ ପରିବେଶ ପ୍ରଦୂଷଣର ଶିକାର ହିଁ ହେଉଛୁ। ତେଣୁ ପାର୍ବଣ ସମୟରେ ପରିବେଶ କିପରି ଦୂଷିତ ହୋଇଥାଏ, ତାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଅତି ଉଚ୍ଚକୋଟୀର ହୋଇଥିଲା। 'ମୁଡ୍ ଅଫ୍ ଥିଲେ', 'ଦୁନିଆର ସବୁଠାରୁ ଏକୁଟିଆ ମଣିଷ' ଆଦି ପାଠରୁ ଅନେକ କିଛି ନୂଆ କଥା ଶିଖିବାକୁ ମିଳିଲା।

***–ମୁକେଶ ସ୍ୱାଇଁ, ରବି ଟକିଜ୍ ଛକ, ଭୁବନେଶ୍ୱର***

–ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପାର୍ବଣରେ ପ୍ରଦୂଷଣ' ପାଠଟି ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। 'ଥ୍ରୀ ଲେୟାର ଝୁମୁକା' ପାଠଟିରୁ ଷ୍ଟାଇଲ୍ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ତା'ଛଡ଼ା ଏଥରର ସୃଜନ ପୃଷ୍ଠାରେ ସ୍ଥାନିତ 'ବ୍ୟକ୍ତିତ୍ୱ' ନାମକ ଗପଟି ଖୁବ୍ ଶିକ୍ଷଣୀୟ ଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ 'ଆଶାରେ ମହିମା', 'ସୁଶାନ୍ତଙ୍କ ପ୍ରେମ କାହାଣୀ', 'ଗୁଡ୍ ନ୍ୟୁଜ୍ ଦେବେ ବେବୋ' ଇତ୍ୟାଦି ପାଠ ଖୁବ୍ ମଜାଦାର ଲାଗୁଥିଲା।

***–ତନୁଜା ବିଶୋଇ, ଚୌଦ୍ୱାର, କଟକ***

–ପ୍ରଥମ ରୋଜଗାର ସ୍ତମ୍ଭରୁ ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ ଡା. ରମାରମଣ ଷଡ଼ଙ୍ଗୀଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ମନଛୁଆଁ ହୋଇଥିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ହୃଦୟସ୍ପର୍ଶୀ ହୋଇପାରୁଛି। 'ଦାମୀ ଛତା' ପାଠଟିରୁ ନାମୀଦାମୀ ଛତାଗୁଡ଼ିକର ଫଟୋ ଦେଖି ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା।

***–ଅଶ୍ୱିନୀ ମିଶ୍ର, ସମ୍ବଲପୁର***


–ମଡେଲ ମିରରରେ ଅଙ୍କିତା ଖୁବ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରେ ସ୍ଥାନିତ 'ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଅଲୁଭା' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ହାଃ ହାଃ ଓ କାର୍ଟୁନ କର୍ନର ବେଶ୍ ମଜାଳିଆ ହୋଇପାରୁଛି। ବିବିଧା ପୃଷ୍ଠାରେ ସ୍ଥାନିତ 'ଲ୍ୟୁକୋଡର୍ମା କଣ୍ଢେଇ' ନାମକ ପାଠଟି ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା।

***–ଭଞ୍ଜବିହାରୀ ମଲ୍ଲିକ, ସୁନ୍ଦରଗଡ଼***

–ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କୁକୁଡ଼ାଙ୍କ ପାଇଁ ସ୍ୱେଟର', 'ପୋଲ୍‌କା ଡଟ୍ ବେବି ଜେବ୍ରା' ଏବଂ 'ସ୍ତ୍ରୀଙ୍କ ଆଶା ପୂରଣ ପାଇଁ ତିଆରି କଲେ ଗିଟାର ଆକାରର ଜଙ୍ଗଲ' ଆଦି ପାଠ ସତରେ ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା। ସେହିପରି ଯାତ୍ରା ସମ୍ପର୍କିତ ପାଠ ପଢ଼ିବାକୁ ମୋତେ ଖୁବ୍ ଭଲ ଲାଗେ।

***–ନଳିନୀକାନ୍ତ ବେହେରା, ଝାରସୁଗୁଡ଼ା***

## ବିଶେଷ ଚିଠି



ଛୁଟିଦିନ ତୁମ ରୂପରେ ଗୁଣରେ
ଆନ କେହି ନୁହେଁ ସରି,
ଅନ୍ୟମାନେ ସବୁ ମର୍ତ୍ତ୍ୟର ଲଳନା
ତୁମେ ସ୍ୱର୍ଗ ଅପସରୀ।
ଯୁଗ ଉପଯୋଗୀ ଲେଖାସବୁ ଆଣି
ମନ ମୋହୁଛ ସବୁରି,
ଦିନେ ନ ଆସିଲେ ପାଠକ ପାଠିକା
ତୁମକୁ ହୁଅନ୍ତି ଝୁରି।
ସାଥୀର ଉତ୍ତର, ବ୍ୟାକ୍‌ପେଜ୍ ଖବର
ସୃଜନ, ଗପ, କବିତା,
ସିନେମା ପୃଷ୍ଠାରୁ ପଢ଼ି ଜାଣୁଅଛୁ
ଫିଲ୍ମ ତାରକାଙ୍କ କଥା।

***–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



**ଆମ ପରମ୍ପରା ଓ ଚଳଣିର ଏକ ସୁନ୍ଦର ନିଦର୍ଶନ ଝୋଟି ବା ରଙ୍ଗୋଲି, ଯାହା କେବଳ ଦେଖିବାକୁ ଆକର୍ଷଣୀୟ ନୁହେଁ ସୌଭାଗ୍ୟର ପ୍ରତୀକ ମଧ୍ୟ...**

# ଝୋଟି

ଆମ ଓଡ଼ିଆ ସଂସ୍କୃତିରେ ଝୋଟି ବା ଚିତାର ରହିଛି ଏକ ସ୍ୱତନ୍ତ୍ର ମହତ୍ତ୍ୱ। ଓଡ଼ିଆ ଘରର ଯେକୌଣସି ପର୍ବପର୍ବାଣିରେ ଝୋଟି, ଚିତା ବା ରଙ୍ଗୋଲିର ଏକ ପ୍ରମୁଖ ଭୂମିକା। ଏହା ଦ୍ୱାରା ଘର ଭିତରକୁ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ ବୋଲି ବିଶ୍ୱାସ ରହିଛି। ତେବେ ଝୋଟି ବା ଚିତା ପକାଇବା ଲାଗି ଆମେ ମୁରୁଜ ବା ପିଠଉରୁ ପ୍ରସ୍ତୁତ ସମ୍ମିଶ୍ରଣର ବ୍ୟବହାର କରିଥାଉ। ମାର୍ଗଶିର ମାସ ଗୁରୁବାର ତଥା ମାଣବସାରେ ଘର ଲିପାପୋଛା କରି ଘରେଘରେ ଝୋଟି ପକେଇବା ଦ୍ୱାରା ମା' ଲକ୍ଷ୍ମୀ ସନ୍ତୁଷ୍ଟ ହୋଇଥାଆନ୍ତି ବୋଲି ଲକ୍ଷ୍ମୀ ପୁରାଣରେ ବର୍ଣ୍ଣନା କରାଯାଇଛି। ସେହିଭଳି ବିବାହ, ବ୍ରତ, ବିଭିନ୍ନ ହୋମ, ଯଜ୍ଞ, ସତ୍ୟନାରାୟଣ ପୂଜା, କାର୍ତ୍ତିକ ପଞ୍ଚୁକ ପର୍ବ ଆଦିରେ ମୁରୁଜରେ ଝୋଟି ପକେଇବାର ଏକ ନିଆରା ପରମ୍ପରା ଦେଖିବାକୁ ମିଳେ ଯାହାକୁ ଶୁଭ ବୋଲି ଗ୍ରହଣ କରାଯାଏ।

**ଗୃହରେ ସୌଭାଗ୍ୟ ଓ ଶାନ୍ତି ଆଣେ:** ଆମ ଚଳଣି ଓ ପରମ୍ପରାରେ ଝୋଟିର ମହତ୍ୱ କେତେ ରହିଛି ସେ ସମ୍ପର୍କରେ **ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବକ୍ତା ଇଂ. ସନ୍ନ୍ୟାସୀ ପଣ୍ଡା କୁହନ୍ତି:** ଝୋଟିର ବ୍ୟବହାର କେବେଠୁ ଆରମ୍ଭ ହେଲା, ତା'ର ଠିକ୍ ଆକଳନ କରିବା କଷ୍ଟସାଧ୍ୟ ହେଲେ ବି ଏହା ଦକ୍ଷିଣ ଭାରତର ଚୋଳ ରାଜବଂଶଙ୍କ ଶାସନ ସମୟରୁ ଆରମ୍ଭ ହୋଇଥିଲା ବୋଲି ଅନୁମାନ କରାଯାଇପାରେ। ରାମାୟଣରେ ମଧ୍ୟ ଏହାର ବର୍ଣ୍ଣନା ରହିଛି। ମା' ସୀତାଙ୍କ ସ୍ୱୟଂବର ସମୟରେ ଜନକପୁରର ପ୍ରତି ଘରେଘରେ ଏବଂ ସ୍ୱୟଂବର ହେଉଥିବା ମହଲରେ ବି ମୁରୁଜ ଏବଂ ଚିତାରେ ବିଭିନ୍ନ ଆକୃତିର ଝୋଟି ପଡ଼ିଥିବାର ଜଣାପଡ଼େ।

ଆମ ଧର୍ମମାସ କାର୍ତ୍ତିକ ମାସରେ ହବିଷିଆଳିମାନେ ତୁଳସୀ ଚଉଁରା ଚାରିପାଖେ ବିଭିନ୍ନ ରଙ୍ଗର ମୁରୁଜରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଦେଉଳ, ପତିତପାବନ ଆଦି ଚିତ୍ର ସହିତ ରାଧାକୃଷ୍ଣ, ବିଭିନ୍ନ ପକ୍ଷୀ ଯଥା ମୟୂର, ହଂସ ଏବଂ ପ୍ରଜାପତି ଆଦିର ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିଥା'ନ୍ତି। ଅନ୍ୟାନ୍ୟ ଦିନମାନଙ୍କରେ ଘରର ଫାଟକ ସାମ୍ନାରେ ମୁରୁଜ ପଡ଼େ। ବିଭିନ୍ନ ହୋମଯଜ୍ଞ, ପୂଜାପାଠ ଏବଂ ଶ୍ରାଦ୍ଧଦିନଗୁଡ଼ିକରେ ବ୍ରାହ୍ମଣ ପୁରୋହିତମାନେ ମୁରୁଜରେ ଦେବଦେବୀଙ୍କ ବିଭିନ୍ନ ଆୟୁଧ ବା ମଣ୍ଡଳ ଆଙ୍କିଥା'ନ୍ତି। ମୁରୁଜ ସାଧାରଣତଃ ଅରୁଆ ଚାଉଳ ଚୂନା, ଅଟା, ଇଟାଘୋରା ବା ଶୁଖିଲା ଫୁଲରୁ ତିଆରି କରାଯାଏ। ଏବେ ରାସାୟନିକ ଉପାୟରେ ପ୍ରସ୍ତୁତ ମୁରୁଜ ବଜାରରେ ବିକ୍ରି ହେଲାଣି। ଏହାକୁ ପଞ୍ଚମୁରୁଜ କୁହାଯାଏ। ଠିକ୍ ସେହିପରି ଚିତା। ମୁରୁଜ ଶୁଖିଲା ହୋଇଥିବା ବେଳେ ଚିତା ହେଉଛି ଅରୁଆ ଚାଉଳବଟା ପାଣି। ବିଶେଷକରି ମାଣବସା ଗୁରୁବାର ଦିନ ବାରଣ୍ଡା, ଅଗଣା, ଦୁଆରବନ୍ଧ, ଲକ୍ଷ୍ମୀଙ୍କ ଆସ୍ଥାନରେ ଲକ୍ଷ୍ମୀପାଦଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଚିତା ପକାଯାଏ। ଦଶହରା ସମୟରେ ଘରେଘରେ କାନ୍ଥରେ ବିଭିନ୍ନ ରକମର ପଦ୍ମର ଚିତା ପଡ଼େ। ଏଥିନିମନ୍ତେ ଡାଉଘୋରା, ଚୂନପାଣି, ଅଳତା କିମ୍ବା ଅଳତା ମିଶ୍ରିତ ଚୂନପାଣି ଇତ୍ୟାଦିର ରଙ୍ଗ ବ୍ୟବହାର କରାଯାଏ।

**ଝୋଟି ପଛରେ ଥିବା ମନୋବୈଜ୍ଞାନିକ କାରଣ:** ପ୍ରତ୍ୟେକ ଝୋଟି ହେଉଛି ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ରେଖାଚିତ୍ର। ଏହା ଆମ ଅବଚେତନ ମନରେ ଏକ ଭାବ ତରଙ୍ଗ ସୃଷ୍ଟି କରେ, ଯାହା ମନକୁ ଶାନ୍ତ ରଖେ। ଅନେକ ରେଖା ସମ୍ବଳିତ ଏହି ରେଖାଚିତ୍ର ବା ଝୋଟିକୁ ଦେଖିଲେ ଆମ ମସ୍ତିଷ୍କରେ ଥିବା ନ୍ୟୁରନ୍‌ଗୁଡ଼ିକ ସକ୍ରିୟ ହୋଇଉଠନ୍ତି, ଯାହା ଯୋଗୁ ମନରେ ଶାନ୍ତି ଆସେ। ଠିକ୍ ସେହିପରି ପ୍ରତ୍ୟେକ ଦେବଦେବୀଙ୍କ ନିମନ୍ତେ ମଧ୍ୟ ଏକ ସ୍ୱତନ୍ତ୍ର ରେଖାଚିତ୍ର ବା ମଣ୍ଡଳ ଅଛି, ଯଦ୍ୱାରା ଉକ୍ତ ଦେବୀ ବା ଦେବତା ସହଜରେ ଆକର୍ଷିତ ହୋଇଥା'ନ୍ତି ଏବଂ ପୂଜା ସଫଳ ହେବାର ଆଶା କରାଯାଏ। ଝୋଟିର ସନ୍ଦର୍ଶନ ଦ୍ୱାରା ଯେ ମନ ଶାନ୍ତ ରୁହେ ବା ପୂଜାପାଠ ସଫଳ ହୁଏ ତା' ନୁହେଁ, ଏହା ମଧ୍ୟ ଗୃହର ସୌଭାଗ୍ୟ ବଢ଼ାଏ। ଘର ଭିତରେ ଥିବା ନକାରାତ୍ମକ ଶକ୍ତିକୁ ଦୂରେଇ କେବଳ ସକାରାତ୍ମକ ଶକ୍ତିକୁ ଗୃହ ମଧ୍ୟକୁ ଆକର୍ଷଣ କରି ଆଣିପାରିବାର ଶକ୍ତି ଝୋଟିର ଅଛି। ସେଥିପାଇଁ ଆନ୍ଧ୍ର, ତାମିଲନାଡୁ, ମହାରାଷ୍ଟ୍ର ଆଦି ରାଜ୍ୟର ପ୍ରାୟ ଗୃହସ୍ଥମାନେ ପ୍ରତିଦିନ ନିଜ ଅଗଣା ବା ଦାଣ୍ଡଦୁଆରେ ମୁରୁଜରେ ଝୋଟି ପକାଇଥା'ନ୍ତି। ବିଭିନ୍ନ ରାଜ୍ୟରେ ଏହାର ସ୍ୱତନ୍ତ୍ର ନାଁ ରହିଛି ଯେପରି ତାମିଲନାଡୁରେ 'କୋଲମ୍', ଝାରଖଣ୍ଡରେ 'ମଣ୍ଡନା', ମହାରାଷ୍ଟ୍ରରେ 'ରଙ୍ଗ୍‌ଭାଲି', ଆନ୍ଧ୍ରପ୍ରଦେଶରେ 'ମୁଗ୍ଗୁ', ରାଜସ୍ଥାନରେ 'ମାଣ୍ଡନା', ପଶ୍ଚିମବଙ୍ଗରେ 'ଆଲ୍‌ପନା', ବିହାରରେ 'ଆରିପନା', ମଧ୍ୟପ୍ରଦେଶରେ 'ଚୌକପୂର୍ଣ୍ଣା', ଉତ୍ତରାଖଣ୍ଡରେ 'ଆଇପନ୍', ଉତ୍ତରପ୍ରଦେଶରେ 'ସୋନା ରଖନା' ଇତ୍ୟାଦି।

**ଝୋଟିକୁ ନେଇ ଲୋକକଥା:** ଦେଶର ଦକ୍ଷିଣ ଅଞ୍ଚଳରେ ଝୋଟି ପକାକୁ ନେଇ ଏକ ସୁନ୍ଦର କିମ୍ବଦନ୍ତୀ ଅଛି। ଲୋକକଥା ଅନୁଯାୟୀ 'ଆନ୍ଦାଲ୍' ନାମକ ଏକ ମହିଳା ଭକ୍ତ ବହୁ କଠୋର ତପସ୍ୟା କରି ଭଗବାନ୍ ତିରୁମାଲାଙ୍କୁ ସନ୍ତୁଷ୍ଟ କରି ତାଙ୍କୁ ପତି ରୂପେ ପ୍ରାପ୍ତ ହୋଇଥିଲେ। ଏହି ପବିତ୍ର ବିବାହ ତେଲୁଗୁ କ୍ୟାଲେଣ୍ଡରର ନବମ ମାସ (ମରପାଝୀ)ରେ ହିଁ ହୋଇଥିଲା। ଓଡ଼ିଆ ମାସାନୁଯାୟୀ ଏହା ଶୁକ୍ଳ ଏକାଦଶୀ (ଅଧା ଡିସେମ୍ବର) ଠାରୁ ମକର ସଂକ୍ରାନ୍ତି (ଅଧା ଜାନୁୟାରୀ) ପର୍ଯ୍ୟନ୍ତ ବୁଝାଏ। ଏହି ଅବଧିକୁ ଅତ୍ୟନ୍ତ ପବିତ୍ର ବୋଲି ବିଶ୍ୱାସ କରାଯାଉଯାଉଥିବାରୁ ଅବିବାହିତା ଝିଅମାନେ ବଡ଼ିଭୋର୍‌ରୁ ଉଠି ତିରୁମାଲାଙ୍କୁ ଖୁସି କରିବା ପାଇଁ ମାସ ସାରା ବିଭିନ୍ନ ପ୍ରକାର ଝୋଟି ପକାଇବା ଆରମ୍ଭ ବୋଲି କୁହାଯାଏ। ତେଣୁ ମୁରୁଜ ବା ଚିତା ଦ୍ୱାରା ଝୋଟି ପକାଇବା ପଛରେ ନିଶ୍ଚିତ ଭାବେ ଏକ ଉକ୍ତି ଓ ବିଶ୍ୱାସର ପୃଷ୍ଠଭୂମି ଥିବାବେଳେ ଏବଂ ଏହା ଆମ ମାନବୀୟ ଚେତନାକୁ ସମୃଦ୍ଧ କରିବା ପାଇଁ ଯେ ଅଭିପ୍ରେତ, ଏହା ନିଃସନ୍ଦେହରେ ସ୍ୱୀକାର କରାଯାଇପାରେ।

**ଆମ ସଂସ୍କୃତିର ଏକ ଅଙ୍ଗ:** ଝୋଟି ପକାଇବା, ମୁରୁଜ ଦେବା, ଚିତା ପକାଇବା ଆମ ସଂସ୍କୃତିର ଏକ ମହନୀୟ ବିଭବ ଯାହା କେଉଁ ଆଦିମ କାଳରୁ ରହି ଆସିଛି। ଏ ସମ୍ପର୍କରେ କିସ୍ ମାନିତ ବିଶ୍ୱବିଦ୍ୟାଳୟର **ଓଡିଆ ଅଧ୍ୟାପିକା ଦେବହୁତି ପଟ୍ଟନାୟକ** କୁହନ୍ତି: ଆମର ସମସ୍ତ ପର୍ବପର୍ବାଣି, ସାଂସ୍କୃତିକ ଅନୁଷ୍ଠାନ, ଯେପରିକି ବିବାହ ବ୍ରତ ସମୂହରେ ଚିତା ପକାଇବା ଏକ ପରମ୍ପରା ; ଯାହା ଶୁଭ ବୋଲି ଗ୍ରହଣ କରାଯାଏ। ଆମ ସାଂସ୍କୃତିକ ଜୀବନରେ ଯେମିତି ପ୍ରତିଟି କ୍ଷେତ୍ରରେ ଝୋଟିର ସ୍ୱାତନ୍ତ୍ର୍ୟ ରହିଛି ଆଦିବାସୀ ପରମ୍ପରା ଓ ଚଳଣିରେ ମଧ୍ୟ ଏହା ବେଶ୍ ଗୁରୁତ୍ୱ ରଖେ।

ଓଡ଼ିଶାରେ ୬୨ ପ୍ରକାର ଜନଜାତି ରହିଛନ୍ତି। ପ୍ରତ୍ୟେକ ଜନଜାତିର ଚିତ୍ରକଳା ସ୍ୱତନ୍ତ୍ର। ଏମାନଙ୍କ ଭିତରେ ଶଉରା ଜନଜାତି ଏକ ବୃହତ୍ତର ଗୋଷ୍ଠୀ। ସେମାନଙ୍କ ଭିତରେ ଲାଞ୍ଜିଆ ଶଉରା ହେଉଛନ୍ତି ଆଦିମ ଜନଜାତି। ତାଙ୍କର ଚିତ୍ରକଳା ତାଙ୍କ ସାଂସ୍କୃତିକ ଜୀବନର ପ୍ରଧାନ ଅଙ୍ଗ। ଆମେ ଯେମିତି ବାହାଘରରେ ଚିତ୍ର ଆଙ୍କିଥାଉ, ସେମାନେ ସେମିତି ନୂଆଘର କଲେ ଘର ଭିତର କାନ୍ଥରେ ବିଧି

→







ବବ୍ଲୁଙ୍କ ଅଙ୍କିତ ଝୋଟି



ମୁତାବକ ଚିତ୍ର ଆଙ୍କି ବହୁବର୍ଷ ରଖିଥା'ନ୍ତି, ଯାହାକୁ 'ଇଡିତାଲ' ବୋଲି କୁହାଯାଏ। ଶଉରା ଭାଷାରେ ଏହାର ଅର୍ଥ କାନ୍ଥଚିତ୍ର। ଆମେ ଯେମିତି ଚାଉଳକୁ ବାଟି ଝୋଟି ପକାଇବାରେ ବ୍ୟବହାର କରୁ, ସେମାନେ ମଧ୍ୟ ସେମିତି ବ୍ୟବହାର କରନ୍ତି। ଶଉରା ଗୋଷ୍ଠୀର ମୁଖ୍ୟ ପୂଜକ ହେଉଛନ୍ତି 'କୁଡ଼ାଙ୍ଗା'। ସେମାନେ ଚିତ୍ରଶିଳ୍ପୀ ଭାବେ କାମ କରନ୍ତି। ସେମାନେ ଏହି ଇଡିତାଲ ଚିତ୍ର ଆଙ୍କିଥାଆନ୍ତି। ଇଡିତାଲକୁ ନେଇ ଅନେକ ପ୍ରଥା, ଗାଥା, କଥା ରହିଛି। ଆମେ ଯେମିତି ମାଣବସାରେ ଲକ୍ଷ୍ମୀଙ୍କର ପାଦପଦ୍ମ ଚିତା ପୂଜା କରୁ, ଶଉରାମାନେ ମଧ୍ୟ ଇଡିତାଲକୁ ଇଷ୍ଟଦେବ ରୂପେ ପୂଜା କରନ୍ତି। ଆଦିବାସୀ ଜନଜାତିମାନଙ୍କ ମଧ୍ୟରେ କନ୍ଧ ଜନଜାତି ମଧ୍ୟ ଓଡ଼ିଶାରେ ସର୍ବାଧିକ। ଏମାନଙ୍କର ଚିତ୍ରକଳା ଝୋଟିକୁ 'ମାଜ୍ଞିଗୁଣ୍ଡା' କହନ୍ତି। ଏମାନେ ମଧ୍ୟ ଲକ୍ଷ୍ମୀପୂଜା, ଦଶହରା ଏବଂ ଅନ୍ୟାନ୍ୟ ପର୍ବପର୍ବାଣିମାନଙ୍କରେ ଚାଉଳଚୂନାରେ ପିଠଉ କରି ଝୋଟି ପକାଇଥା'ନ୍ତି। ଆଦିମ ଜନଜାତିମାନଙ୍କ ଭିତରେ କୁଟିଆ କନ୍ଧ ଅନ୍ୟତମ। ସେମାନଙ୍କର ଝୋଟିକୁ 'ଟିକାଙ୍ଗକୁଡ଼ା' କୁହାଯାଏ। ଏମାନେ କେବଳ ହାତରେ ଅଙ୍ଗୁଳିଛିଟା ଓ ଟୋପି ଦ୍ୱାରା ଝୋଟି ଆଙ୍କିଥା'ନ୍ତି। କୁଟିଆ କନ୍ଧମାନଙ୍କ ଚିତ୍ରର ଆଉ ଏକ ନମୁନା ହେଉଛି ଦେହରେ ଚିତା କୁଟାଇବା, ଯାହାକୁ ଅଙ୍ଗ ଆଲେଖନ କୁହାଯାଏ। ଦେହର ବିଭିନ୍ନ ଅଂଶରେ ଚିତା କୁଟାଇ ଏମାନେ ଖୁବ୍ ଆନନ୍ଦ ପାଆନ୍ତି। ଚିତା କୁଟାଇବା ସେମାନଙ୍କର ପ୍ରଧାନ କଳା ନିଦର୍ଶନ। ଆଦିବାସୀମାନଙ୍କର ଚିତାକୁଟା ବର୍ତ୍ତମାନର ଟାଟୁ ବୋଲି କୁହାଯାଇପାରେ। ସୁନ୍ଦରଗଡ଼ ଜିଲାରେ ବାସ କରୁଥିବା କିଷାନ ଗୋଷ୍ଠୀର ଆଦିବାସୀମାନେ ସ୍ୱତନ୍ତ୍ର ଚିତ୍ରକଳା କରିଥାଆନ୍ତି, ଯାହା ତାଙ୍କ ଧାର୍ମିକ ବିଶ୍ୱାସର ପ୍ରତୀକ। ଚିତ୍ର ମାଧ୍ୟମରେ ଆରାଧ୍ୟ ଦେବଦେବୀ ମାନଙ୍କର ରୂପକୁ ପ୍ରତୀକ ଭାବେ ପୂଜା କରନ୍ତି। ପାଉଡ଼ିଭୂୟାଁ ଜନଜାତି ଆଦିବାସୀମାନଙ୍କ ଭିତରେ ଏକ ଆଦିମ ଗୋଷ୍ଠୀ। ଏମାନଙ୍କ ଚିତ୍ରକଳାକୁ 'ଝାଂଜରା' ବୋଲି କୁହାଯାଏ। ଏହା ସେମାନଙ୍କ ସାମାଜିକ ଅନୁଷ୍ଠାନ ଦ୍ୱାରା ସ୍ୱୀକୃତ। ଆଜିକାଲିର ଝୋଟିରେ ପାଉଡ଼ିଭୂୟାଁ ଚିତ୍ରକଳାର ପ୍ରଭାବ ଦେଖିବାକୁ ମିଳୁଛି। ସାନ୍ତାଳ ଜନଜାତି ଓଡ଼ିଶାରେ ବହୁଳ ଭାବେ ବାସ କରନ୍ତି। ବର୍ତ୍ତମାନ ଏମାନେ ଆଦିବାସୀମାନଙ୍କ ଭିତରେ ଶିକ୍ଷିତ ଗୋଷ୍ଠୀ। ଏମାନଙ୍କ ଚିତ୍ରକଳାକୁ 'ଚିଇତା' ବୋଲି କୁହାଯାଏ, ଯାହାକୁ ଆମେ ଚିତା ବୋଲି କହୁ। ଏମାନେ ଘରକୁ ସୁନ୍ଦର ଭାବେ ଲିପା ପୋଛା କରି ଖୁବ୍ ସହଜ ଓ ସଂକ୍ଷିପ୍ତ ଢଙ୍ଗରେ ଝୋଟି ଆଙ୍କନ୍ତି।

ଜୁଆଙ୍ଗ ଜନଜାତି ଏକ ଆଦିମ ଜନଜାତି। ଏମାନଙ୍କର ଚିତ୍ରକଳା ମୌଳିକ। ସେମାନେ ଶିଳ୍ପକଳା ମାଧ୍ୟମରେ ସେମାନଙ୍କର ଚିତ୍ରକଳାକୁ ପରିସ୍ଫୁଟ କରିଥାଆନ୍ତି। ସେମାନେ ସୂକ୍ଷ୍ମ ଖୋଦନ କଳା ପ୍ରବୀଣ। ସେମାନଙ୍କର ଚିତ୍ରକଳା ପ୍ରାଚୀନ ପରମ୍ପରାକୁ ବଞ୍ଚାଇ ରଖିପାରିଛି। ଏହାଛଡ଼ା ୬୨ ପ୍ରକାର ଜନଜାତିଙ୍କ ଚିତ୍ରକଳା ରହିଛି। ପ୍ରକୃତରେ ଦେଖିବାକୁ ଗଲେ ଆଦିବାସୀ ସମ୍ପ୍ରଦାୟର ଚରତ୍ର କଳା ସହିତ ଆମ ଆଜିକାର ଝୋଟିର ଅନେକ ସାମଞ୍ଜସ୍ୟ ରହିଛି।

**ରଙ୍ଗ ଓ ଫୁଲର ଯୁଗଳବନ୍ଦୀରୁ ସୃଷ୍ଟି ରଙ୍ଗୋଲି:**ରଙ୍ଗୋଲି କହିଲେ ଆମେ ସାଧାରଣତଃ ବିଭିନ୍ନ ପ୍ରକାର ରଙ୍ଗ ଓ ଫୁଲର ସମ୍ମିଶ୍ରଣରେ ନିର୍ମିତ ଚିତ୍ରକଳାକୁ ବୁଝିଥାଉ। ଏହାର ବିଭିନ୍ନ ଆକାର ଓ ପ୍ରକାର ରହିଛି। ଭାରତରେ ରଙ୍ଗୋଲିର ଉତ୍ପତ୍ତି ପ୍ରାୟତଃ ଦକ୍ଷିଣ ଭାରତରୁ ବୋଲି କୁହାଯାଏ। କାଳକ୍ରମେ ଏହା ସମଗ୍ର ଭାରତକୁ ବ୍ୟାପୀଥିଲା ବୋଲି ବିଶ୍ୱାସ ରହିଛି। ବିଭିନ୍ନ ପୂଜାପର୍ବ ତଥା ଶୁଭ ଅବସରରେ ଘରେଘରେ ରଙ୍ଗୋଲି ବା ଚିତା ପକେଇବାର ପ୍ରଥା ରହିଛି। ପାରମ୍ପରିକ ରଙ୍ଗୋଲିରେ ବିଭିନ୍ନ ପ୍ରକାରର ରଙ୍ଗ ମୁରୁଜ, ପ୍ରାକୃତିକ ରଙ୍ଗ, ଫୁଲ ଗୁଣ୍ଡ, ଚାଉଳ ଗୁଣ୍ଡ ଆଦି ବ୍ୟବହହାର କରାଯାଇଥାଏ।

ଯୁଗ ବଦଳିବା ସହ ଝୋଟି ବା ରଙ୍ଗୋଲି କରିବାର ଶୈଳୀରେ ମଧ୍ୟ ପରିବର୍ତ୍ତନ ଆସିଛି। ମୁରୁଜ, ଚାଉଳ ଗୁଣ୍ଡ, ହଳଦୀ ଗୁଣ୍ଡ, ସିନ୍ଦୂର ଆଦି ପାରମ୍ପରିକ ସାମଗ୍ରୀ ବଦଳରେ ସ୍ଥାନ ପାଇଛି ଷ୍ଟିକର ରଙ୍ଗୋଲି, ପ୍ଲାଷ୍ଟିକ ରଙ୍ଗୋଲି, ଆକ୍ରିଲିକ ରଙ୍ଗୋଲି, କ୍ୟାଣ୍ଡେଲ ରଙ୍ଗୋଲି, କୁନ୍ଦନ ରଙ୍ଗୋଲି ଇତ୍ୟାଦି। ଏହିସବୁ ରଙ୍ଗୋଲି ଦେଖିବାକୁ ଯେତିକି ଆକର୍ଷଣୀୟ, କରିବା ମଧ୍ୟ ସେତିକି ସହଜ। ଅତି କମ୍ ସମୟ ମଧ୍ୟରେ ତତ୍‌କ୍ଷଣାତ୍ ଏହାକୁ କରାଯାଇପାରେ। ବିଭିନ୍ନ ଅବସର ଲାଗି ଭିନ୍ନଭିନ୍ନ ଡିଜାଇନ୍‌ର ରଙ୍ଗୋଲି ମାର୍କେଟରେ ଉପଲବ୍ଧ। ଏହାକୁ ଆପଣ ଆପଣଙ୍କ ଘରର ପ୍ରବେଶ ପଥ, ବଡ଼ ହଲ କିମ୍ବା ଡ୍ରଇଂରୁମରେ ସଜେଇ ଘରକୁ ଦେଇପାରିବେ ଏକ ଫେଷ୍ଟିଭ ଲୁକ୍। ଏହିସବୁ ଇନ୍‌ଷ୍ଟାଣ୍ଟ ରଙ୍ଗୋଲି ବ୍ୟତୀତ ଆଜିକାଲି ବିଭିନ୍ନ ଫ୍ୟୁଜନ୍ ରଙ୍ଗୋଲି ତଥା ଥିମ୍‌କୁ ନେଇ ରଙ୍ଗୋଲି ପ୍ରସ୍ତୁତ କରାଯାଉଛି। ବିବାହ, ବ୍ରତ, ପର୍ବପର୍ବାଣି, ଅଫିସ ଫଙ୍କସନ୍ ଆଦି ଅବସରରେ ଏହି ଫ୍ୟୁଜନ୍ ରଙ୍ଗୋଲି ବା ଥିମ୍ ରଙ୍ଗୋଲି ଲୋକଙ୍କୁ ବେଶ ପସନ୍ଦ ଆସୁଛି।



ଇଂ. ସନ୍ନ୍ୟାସୀ ପଣ୍ଡା



ଅଧ୍ୟାପିକା ଦେବହୁତି ପଟ୍ଟନାୟକ



ବବ୍ଲୁ ମହାନ୍ତି

**ଫୁଲ ଏବଂ ପତ୍ରରେ ରଙ୍ଗୋଲି:** ବିଭିନ୍ନ ପ୍ରକାର ଫୁଲ ଏବଂ ପତ୍ରକୁ ବ୍ୟବହାର କରି ଏହି ରଙ୍ଗୋଲି ପ୍ରସ୍ତୁତ କରାଯାଇଥାଏ। ମନପସନ୍ଦର ଯେକୌଣସି ଡିଜାଇନର ଝୋଟି ଆଙ୍କି ତାକୁ ବିଭିନ୍ନ ରଙ୍ଗର ଫୁଲ, ଫୁଲପାଖୁଡ଼ା, ପତ୍ର ଆଦି ଦ୍ୱାରା ସଜ୍ଜା ଯାଇଥାଏ। ଏହି ରଙ୍ଗୋଲି ପ୍ରସ୍ତୁତ କରିବା ଲାଗି ଗେଣ୍ଡୁଫୁଲ, ଗୋଲାପ ପାଖୁଡ଼ା, ସେବତୀ, ରଜନୀଗନ୍ଧା, ଜାରବେରା, କାଠଚମ୍ପା, ଟଗର ଫୁଲ ତଥା ବିଭିନ୍ନ ଗଛର ପତ୍ରକୁ ବ୍ୟବହାର କରି କରାଯାଇଥାଏ। ଏହି ରଙ୍ଗୋଲିକୁ ଆଉ ଟିକିଏ ଆକର୍ଷଣୀୟ କରିବା ଲାଗି ଏଥିରେ ଦୀପ, କ୍ୟାଣ୍ଡେଲ, ଟେରାକୋଟା ସାମଗ୍ରୀ ମଧ୍ୟ ବ୍ୟବହାର କରାଯାଇଥାଏ।


**ଫ୍ଲୋଟିଂ ରଙ୍ଗୋଲି:** ଏହି ରଙ୍ଗୋଲି ପାଣିର ପୃଷ୍ଠ ଭାଗରେ କରାଯାଇଥାଏ। କାଚ, ପିତ୍ତଳ ବା ଟେରାକୋଟା ପାତ୍ରରେ ପାଣି ରଖି ଏହା ଉପରେ ବିଭିନ୍ନ ଫୁଲ, ପତ୍ର, ଫ୍ଲୋଟିଂ କ୍ୟାଣ୍ଡେଲ, ଆକ୍ରେଲିକ ରଙ୍ଗୋଲି ଆଦି ଦ୍ୱାରା ସଜ୍ଜା ଯାଇ ଏହି ରଙ୍ଗୋଲି ପ୍ରସ୍ତୁତ କରାଯାଇଥାଏ। ଉକ୍ତ ରଙ୍ଗୋଲିକୁ ସେଣ୍ଟର ଟେବୁଲ, ଘରର ଅଗଣା, ହଲ୍‌ର ସେଣ୍ଟର ସ୍ଥାନରେ ରଖାଯାଇଥାଏ, ଯାହା ଘରକୁ ଦେଇଥାଏ ଏକ ଆଟ୍ରାକ୍ଟିଭ ଲୁକ୍।

**ଫଳ ଏବଂ ପରିବାରେ ରଙ୍ଗୋଲି:** ଫୁଲ ରଙ୍ଗୋଲି ଭଳି ପରିବା ଏବଂ ଫଳ ରଙ୍ଗୋଲି ମଧ୍ୟ ଦେଖିବାକୁ ଖୁବ୍ ଆକର୍ଷଣୀୟ। ବିଭିନ୍ନ ରଙ୍ଗର ପରିବା ଏବଂ ଫଳକୁ ସୁନ୍ଦର ଭାବେ ସଜାଇ ଏହି ରଙ୍ଗୋଲି ପ୍ରସ୍ତୁତ

→






କରାଯାଇଥାଏ। ଉକ୍ତ ରଙ୍ଗୋଲି ବିଭିନ୍ନ ପର୍ବପର୍ବାଣି ତଥା ଥିମ୍‌କୁ ନେଇ ପ୍ରସ୍ତୁତ କରାଯାଇଥାଏ।

**ଚାଉଳ ଏବଂ ଶସ୍ୟରେ ରଙ୍ଗୋଲି:** ରଙ୍ଗୋଲି ମଧ୍ୟରେ ଆଉ ଏକ ସୃଜନାତ୍ମକ ରଙ୍ଗୋଲି ହେଉଛି ଚାଉଳ ଏବଂ ଶସ୍ୟରେ ପ୍ରସ୍ତୁତ ରଙ୍ଗୋଲି। ଚକ୍ ବା ମୁରୁଜରେ ମନପସନ୍ଦର ଝୋଟି ଆଙ୍କି ଏହା ଭିତରେ ବିଭିନ୍ନ ରଙ୍ଗର ଚାଉଳ, ଡାଲି, ଶସ୍ୟ ଆଦିକୁ ସଜାଇ ଏହି ରଙ୍ଗୋଲି ପ୍ରସ୍ତୁତ କରାଯାଇଥାଏ।

**ରଙ୍ଗିନ୍ ବାଲିରେ ରଙ୍ଗୋଲି:** ଖାସ୍ ରଙ୍ଗୋଲି କରିବା ପାଇଁ ଆଜିକାଲି ମାର୍କେଟରେ ବିଭିନ୍ନ ରଙ୍ଗର ବାଲି ବା ମାର୍ବଲ ଗୁଣ୍ଡ ଉପଲବ୍ଧ ହେଉଛି। ଏହି ରଙ୍ଗୋଲିକୁ ଅଧିକ ଆକର୍ଷଣୀୟ କରିବା ଲାଗି ଏଥିରେ ଗ୍ଲିଟର ଡଷ୍ଟ ବା ଜିଙ୍କ୍ ମଧ୍ୟ ବ୍ୟବହାର କରାଯାଇଥାଏ। ଚକ୍ ବା ମୁରୁଜରେ ଆଉଟ୍ ଲାଇନ୍ ଆଙ୍କି ଏହାକୁ ରଙ୍ଗିନ୍ ବାଲି ଓ ଜିଙ୍କ୍ ଦ୍ୱାରା ଭରି ମନପସନ୍ଦର ରଙ୍ଗୋଲି ପ୍ରସ୍ତୁତ କରିଯାଇଥାଏ। ଏହି ରଙ୍ଗୋଲିର ବିଭିନ୍ନ ପ୍ରକାର ପ୍ୟାଟର୍ନ ମଧ୍ଯ ରହିଛି ଯଥା, ଡଟେଡ ରଙ୍ଗୋଲି, ଜ୍ୟୋମେଟ୍ରି ପ୍ୟାଟର୍ନ ରଙ୍ଗୋଲି, ଫ୍ରି ହ୍ୟାଣ୍ଡ ରଙ୍ଗୋଲି, ଅର୍ନାମେଣ୍ଟାଲ ରଙ୍ଗୋଲି ଇତ୍ୟାଦି। ଏହି ରଙ୍ଗୋଲି ପ୍ରସ୍ତୁତ କରିବା ଲାଗି ମାର୍କେଟରେ ଏଥିଲାଗି ସ୍ୱତନ୍ତ୍ର କିଟ୍ ମଧ୍ଯ ଉପଲବ୍ଧ। ଏହା ସାହାଯ୍ୟରେ ଅତି ସହଜରେ ମନପସନ୍ଦର ରଙ୍ଗୋଲି ଅଙ୍କା ଯାଇପାରିବ।


**ରେଡିମେଡ୍ ରଙ୍ଗୋଲି:** ଇଷ୍ଟାଣ୍ଟ ରଙ୍ଗୋଲି ଭାବେ ଆର୍ଟିଫିସିଆଲ ରଙ୍ଗୋଲି ଯଥା ଷ୍ଟିକର ରଙ୍ଗୋଲି, ପ୍ଲାଷ୍ଟିକ୍ ରଙ୍ଗୋଲି, ଆକ୍ରିଲିକ ରଙ୍ଗୋଲି, କ୍ୟାଣ୍ଡେଲ ରଙ୍ଗୋଲି, କୁନ୍ଦନ ରଙ୍ଗୋଲି ଆଦିର ବେଶ ଡିମାଣ୍ଡ ଦେଖିବାକୁ ମିଳୁଛି। ବିଭିନ୍ନ ଅକେଜନ ପାଇଁ ଭିନ୍ନଭିନ୍ନ ପ୍ରକାରର ଆର୍ଟିଫିସିଆଲ ରଙ୍ଗୋଲି ମାର୍କେଟରେ ଉପଲବ୍ଧ ହେଉଛି। ବିଶେଷକରି ଦୀପାବଳି ଅବସରରେ ଏହି ରଙ୍ଗୋଲିର ଚାହିଦା ଦେଖିବାକୁ ମିଳେ। ଏହିସବୁ ରଙ୍ଗୋଲିକୁ ଆପଣ ଚଟାଣରେ ସେମିତି ସଜାଇ ପାରିବେ, ନଚେତ ଅନ୍ୟାନ୍ୟ ରଙ୍ଗୋଲି ସହ ଫ୍ୟୁଜନ୍ କରି ପ୍ରସ୍ତୁତ କରିପାରିବେ।

**ଜୈବିକ ରଙ୍ଗରେ ରଙ୍ଗୋଲି:** ଯଦି ଆପଣ ଚାହାନ୍ତି ଆର୍ଟିଫିସିଆଲ ରଙ୍ଗୋଲି ବା ବିଷାକ୍ତ କେମିକାଲ୍‌ଠାରୁ ଦୂରେଇ ରହିବା ପାଇଁ, ତେବେ ପ୍ରାକୃତିକ ଜୈବିକ ରଙ୍ଗ ବ୍ୟବହାର କରି ମଧ୍ୟ ଆପଣ ରଙ୍ଗୋଲି ପ୍ରସ୍ତୁତ କରିପାରିବେ। ଜୈବିକ ରଙ୍ଗ ଯଥା ଚାଉଳ ଗୁଣ୍ଡ, ହଳଦୀ, ଚନ୍ଦନ, ହିନା ଗୁଣ୍ଡ ଆଦି ବ୍ୟବହାର କରି ଆପଣ ସୁନ୍ଦର ଡିଜାଇନର ରଙ୍ଗୋଲି ପ୍ରସ୍ତୁତ କରିପାରିବେ।


**ରଙ୍ଗୋଲି ଦେଇଛି ପରିଚୟ:** ପାରମ୍ପରିକ ରଙ୍ଗୋଲି ବ୍ୟତୀତ ଆଜିକାଲି ମଡର୍ନ ରଙ୍ଗୋଲି ପ୍ରତି ଲୋକଙ୍କ ବେଶ୍ ଚାହିଦା ବଢିବାରେ ଲାଗିଛି ଏ ସମ୍ପର୍କରେ **ଜାତୀୟ ସ୍ତରୀୟ ରଙ୍ଗୋଲି ଚିତ୍ରଶିଳ୍ପୀ ବବ୍‌ଲୁ ମହାନ୍ତି** କୁହନ୍ତି: ସାତ ରଙ୍ଗର ସମ୍ମିଶ୍ରଣରେ ପ୍ରସ୍ତୁତ କଳାକୃତିକୁ ରଙ୍ଗୋଲି କୁହାଯାଏ। ଏହା ଏକ ପାରମ୍ପରିକ ଚିତ୍ର କଳା। ଏହାକୁ ପ୍ରସ୍ତୁତ କରିବା ଲାଗି ସୃଜନଶୀଳତାର ବିଶେଷ ଆବଶ୍ୟକତା ରହିଛି। ନିଜ ଭାବନାକୁ ରଙ୍ଗ ମାଧ୍ୟମରେ ପରିପ୍ରକାଶ କରିବାର ଏହା ହେଉଛି ଏକ ମାଧ୍ୟମ। ତେବେ ଛୋଟବେଳୁ ମା’ ଏବଂ ଆଈଙ୍କୁ ଝୋଟି ପକାଇବା ଦେଖି ମୁଁ ପ୍ରଭାବିତ ହୋଇଥିଲି। ଏହାପରେ ରଙ୍ଗ ମୁରୁଜକୁ ନେଇ କିଛି ନୂଆ କରିବା ପ୍ରଚେଷ୍ଟାରେ ମୁଁ ଏହି କଲରଫୁଲ ରଙ୍ଗୋଲି ପ୍ରସ୍ତୁତ କରିବା ଆରମ୍ଭ କଲି। ସେବେଠାରୁ ଏହି ହବି ମୋତେ ରାଜ୍ୟ ତଥା ଜାତୀୟ ସ୍ତରରେ ଅନେକ ପୁରସ୍କାର ଏବଂ ସମ୍ମାନର ଅଧିକାରୀ ମଧ୍ଯ କରାଇପାରିଛି। ତେବେ ରଙ୍ଗୋଲି ପ୍ରସ୍ତୁତ କରିବା ପାଇଁ ମୁଁ ଉଭୟ ପାରମ୍ପରିକ ତଥା ଆଧୁନିକ ସାମଗ୍ରୀ ଏବଂ ଶୈଳୀ ଉପଯୋଗ କରିଥାଏ। ମୁଁ ପ୍ରସ୍ତୁତ କରିଥିବା ଏହି ରଙ୍ଗୋଲିଟି ହେଉଛି ‘ମା ତାରିଣୀ ରଙ୍ଗୋଲି’। ଏଥିରେ ମୁଁ ଫୁଲ ଗୁଣ୍ଡ, ପତ୍ର ଗୁଣ୍ଡ ତଥା ବିଭିନ୍ନ ରଙ୍ଗର ମୁରୁଜ, ଫୁଲ ପାଖୁଡା ଏବଂ ଡେକୋରେଶନ ଲାଗି ଦୀପ ବ୍ୟବହାର କରିଛି। ପ୍ରଥମେ ମୁରୁଜରେ ମା’ ତାରିଣୀ ଏବଂ ମନ୍ଦାର ଫୁଲ ଚିତ୍ରକୁ ଆଙ୍କିଛି। ଏହା ପରେ ନାଲି ମୁରୁଜକୁ ମୁଖ୍ୟତଃ ମନ୍ଦାର ଫୁଲ ପାଇଁ ବ୍ୟବହାର କରିଥିବା ବେଳେ ମା’ଙ୍କ ଚିତ୍ର ଲାଗି ହଳଦିଆ, ସବୁଜ, ଗୋଲାପୀ ଆଦି ରଙ୍ଗକୁ ବ୍ୟବହାର କରିଛି। ଏହି ରଙ୍ଗୋଲିକୁ ଆପଣ ବିଭିନ୍ନ ପୂଜା ପାର୍ବଣରେ ଘରେ ପ୍ରସ୍ତୁତ କରିପାରିବେ। ସେହିଭଳି ଦୀପାବଳି ଭଳି ଅବସରରେ ଘରକୁ ସୁନ୍ଦରଭାବେ ସଜେଇବା ପାଇଁ ଆପଣ ନିଜ ସୃଜନଶୀଳତାକୁ ବ୍ୟବହାର କରି ଏହିଭଳି ସୁନ୍ଦର ସୁନ୍ଦର ରଙ୍ଗୋଲି ପ୍ରସ୍ତୁତ କରିପାରିବେ।

ସତରେ ପୁରୁଣା ସଂସ୍କୃତିରୁ ଆରମ୍ଭ କରି ଆଜି ଯାଏଁ ସବୁବେଳେ ସବୁ ସମୟରେ ଝୋଟି ତା’ର ସ୍ୱାତନ୍ତ୍ର୍ୟ ଯେ ଜାହିର କରିପାରିଛି ସେ କଥା ନିଃସନ୍ଦେହ।


**–ରୋଜାଲିନ୍ ମହାନ୍ତି**
**ଲିପ୍‌ସା ବିଶୋଇ**







# କିରନ୍ ନାଗରକର







ସ୍ୱାଧୀନୋତ୍ତର ଭାରତବର୍ଷର ସାହିତ୍ୟକୁ ଯେଉଁ କେତେଜଣ ଲେଖକ ବିଶ୍ୱ ସାହିତ୍ୟ ପରିସରରେ ପହଞ୍ଚାଇଛନ୍ତି ସେମାନଙ୍କ ମଧ୍ୟରେ ଜଣେ କିରନ୍ ନାଗରକର। ଜଣେ ଭାରତୀୟ ଇଂଲିଶ ଲେଖକ ଭାବରେ ତାଙ୍କର ସୁଖ୍ୟାତି କେବଳ ଭାରତରେ ସୀମିତ ନୁହେଁ; ଅଧିକନ୍ତୁ ଦେଶ ବିଦେଶରେ ମଧ୍ୟ ସମ୍ପ୍ରସାରିତ। କିରନ୍ ନାଗରକର ଏକାଧାରରେ ଜଣେ ଔପନ୍ୟାସିକ, ନାଟ୍ୟକାର ଏବଂ ଚିତ୍ରନାଟ୍ୟ ଲେଖକ। ସେତିକି ନୁହେଁ ସେ ଜଣେ ମିଡିଆ ଲେଖକ ମଧ୍ୟ। ଡ୍ରାମା ଏବଂ ଫିଲ୍ମ ଉପରେ ତାଙ୍କର ରହିଛି ଅନେକ ସମାଲୋଚନାମୂଳକ ପ୍ରବନ୍ଧ ଓ ନିବନ୍ଧ। ସେଥିଲାଗି ସ୍ୱାଧୀନୋତ୍ତର ଭାରତୀୟ ଲେଖକ ଭାବରେ ନାଗରକରଙ୍କ ରଚନା ସବୁକୁ ସାହିତ୍ୟ ସମାଲୋଚକମାନେ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥାନ୍ତି। ତାଙ୍କର ରଚନାଗୁଡ଼ିକ ମଧ୍ୟରେ ରହିଛି ରାୱନ୍ ଆଣ୍ଡ ଏଡି, କୁକୁଲ୍ଡ ଏବଂ ଆହୁରି ଅନେକ। 'କୁକୋଲ୍ଡ' ଉପନ୍ୟାସକୁ ତାଙ୍କର ଏକ ଏପିକ୍ ଉପନ୍ୟାସ ବୋଲି କୁହାଯାଇଥାଏ। ଏହି ଉପନ୍ୟାସ ପାଇଁ ତାଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ମୁଖ୍ୟତଃ ଇଂଲିଶ ଭାଷାରେ ଲେଖୁଥିବା ବେଳେ ତାଙ୍କର ରଚନାସବୁ ଜର୍ମାନ ଆଦି ଭାଷାକୁ ଅନୁଦିତ ହୋଇ ବେଶ୍ ପ୍ରଶଂସା ଲାଭ କରିଛି।

**ପରିବାର :** ୧୯୪୨ ଏପ୍ରିଲ୍ ୨ ତାରିଖରେ ମୁମ୍ବାଇ (ସେତେବେଳର ବମ୍ବେ)ର ଏକ ମଧ୍ୟବିତ୍ତ ମରାଠା ପରିବାରରେ କିରନ୍ ନାଗରକର ଜନ୍ମଗ୍ରହଣ କରିଥିଲେ। ବାପା କମଲକାନ୍ତ ନାଗରକର ଏବଂ ମା' ସୁଲୋଚନା ନାଗରକର। ସେ ପରିବାରର ଥିଲେ ତୃତୀୟ ସନ୍ତାନ। ତାଙ୍କ ଜେଜେବାପା ବି.ବି.ନାଗରକର ଥିଲେ ଜଣେ ବେଦଜ୍ଞ ବ୍ରାହ୍ମଣ। ୧୮୯୩, ସିକାଗୋ ଠାରେ ବିଶ୍ୱର ବିଦ୍ୱାନମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବିଶ୍ୱ ଧର୍ମ ସମ୍ମିଳନୀରେ ସେ ଯୋଗଦାନ କରିଥିଲେ।

**ପ୍ରାଥମିକ ଶିକ୍ଷା:** ମୁମ୍ବାଇରେ ନାଗରକରଙ୍କ ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା । ପରେ ସେ ପୁଣେର ଫର୍ଗୁଶନ୍ କଲେଜ ଏବଂ ମୁମ୍ବାଇର ଏସ୍ଆଇଇଏସ୍ କଲେଜରୁ ଡିଗ୍ରୀ ହାସଲ କରିଥିଲେ। ୧୯୬୪ରେ ସେ ସ୍ନାତକ ଏବଂ ୧୯୬୭ରେ ସେ ଇଂଲିଶ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ପାଠପଢ଼ା ସରିବା ପରେ ସେ ଚାକିରି ସନ୍ଧାନରେ ଥିବା ଅବସରରେ ତାଙ୍କୁ ଏକ କପି ରାଇଟର ଚାକିରି ମିଳି ଯାଇଥିଲା। ସେ ଏକ ଆଡଭର୍ଟାଇଜିଂ ଅନୁଷ୍ଠାନରେ ୧୫ବର୍ଷ ଧରି କପି ରାଇଟର ଭାବେ କାର୍ଯ୍ୟ କରିଥିଲେ।

**ସାହିତ୍ୟ ସୃଷ୍ଟି :** ଭାରତୀୟ ସାହିତ୍ୟରେ ନାଗରକର ଏକ ଅତି ପରିଚିତ ନାଁ। ସେ ମୁଖ୍ୟତଃ ଜଣେ ଭାରତୀୟ ଇଂଲିଶ ଲେଖକ ବୋଲି ବିବେଚିତ ହେଉଥିଲେ ମଧ୍ୟ ସେ ତାଙ୍କର ପ୍ରଥମ ବହି ଲେଖିଥିଲେ ମାତୃଭାଷା ମରାଠୀରେ। ବହିର ନାମ ଥିଲା 'ସାତ ସକାମ ତ୍ରିଚାଲିଶ'। ଏହି ବହିକୁ ଇଂଲିଶରେ ଅନୁବାଦ କରିଥିଲେ ଶୁଭା ସ୍ଲି। ଇଂଲିଶ ଅନୁଦିତ ପୁସ୍ତକର ନାମ ଥିଲା 'ସେଭେନ୍ ସିକ୍ସେସ୍ ଆର ଫର୍ଟି ଥ୍ରୀ'। ଏହି ପୁସ୍ତକକୁ ମରାଠୀ ଭାଷାର ଏକ ମାଇଲଷ୍ଟୋନ ବୋଲି କୁହାଯାଇଥାଏ। ତାଙ୍କର ଦ୍ୱିତୀୟ ପୁସ୍ତକ 'ରାୱନ୍ ଆଣ୍ଡ ଏଡି'କୁ ସେ ତ ମରାଠୀ ଭାଷାରେ ଆରମ୍ଭ କରିଥିଲେ। ମାତ୍ର ପରେ ସେ ତାହାକୁ ଇଂଲିଶରେ ହିଁ ଲେଖିଲେ ଆଉ ଶେଷ କଲେ। ଏହା ପରେ ସେ ତାଙ୍କର ସମସ୍ତ ପୁସ୍ତକ ସେ ଇଂଲିଶ ଭାଷାରେ ହିଁ ରଚନା କରିଥିଲେ। ପରେ ସେଗୁଡ଼ିକ ଅନ୍ୟାନ୍ୟ ଆଞ୍ଚଳିକ ତଥା ବିଦେଶୀ ଭାଷାକୁ ଅନୁଦିତ ହୋଇଥିଲା।

**ଏପିକ୍ ନଭେଲ୍ :** ନାଗରକରଙ୍କ ତୃତୀୟ ଉପନ୍ୟାସର ନାମ 'କୁକୁଲ୍ଡ'। ମୀରାବାଈଙ୍କ ସ୍ୱାମୀ ଭୋଜରାଜଙ୍କ ରହସ୍ୟମୟ ଜୀବନ କାହାଣୀକୁ ଆଧାର କରି ସେ ଏହି ଉପନ୍ୟାସ ରଚନା ଆରମ୍ଭ କରିଥିଲେ। ଏହାକୁ ଶେଷ କରିବା ପାଇଁ ତାଙ୍କୁ ପାଖାପାଖି ନ'ବର୍ଷ ଲାଗିଯାଇଥିଲା। ଏହି ଉପନ୍ୟାସ ପାଇଁ ସେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେହିଭଳି ଆଉ ଏକ ଉପନ୍ୟାସକୁ ତାଙ୍କର ମାଇଲଖୁଣ୍ଟ ବୋଲି କ୍ରିଟିକ୍‌ମାନେ ଦାବି କରନ୍ତି। ତାହା ହେଉଛି 'ଗଡ୍ସ ଲିଟିଲ୍ ସୋଲଜର'। ଏକ ଉଦାରବାଦୀ ମୁସଲିମ୍ ବାଳକକୁ ନେଇ ରଚିତ ଏହି ଉପନ୍ୟାସରେ ରୂଢ଼ିବାଦୀ ସମାଜକୁ ତୀବ୍ର ସମାଲୋଚନା କରାଯାଇଛି।

୨୦୧୯ ସେପ୍ଟେମ୍ବର ୨ ତାରିଖରେ ନାଗରକରଙ୍କ ପରଲୋକ ଘଟିଥିଲା। ସେ ମସ୍ତିଷ୍କ ପ୍ରଦାହର ଶିକାର ହୋଇଥିଲେ।

# ତୁମେ

ତୁମକୁ ଚିହ୍ନିବାରେ
ସାରାଜୀବନ
କଟିଯିବ ପଛେ
ପରିଚୟର ପତ୍ତା ମିଳିବନି
ଘୂରି ଘୂରି ଘୁମୁରିବା ହିଁ
ସାର ହେବ।
ତୁମ ବିନା ତୁମକୁ
ଆଉ କେହି
ଚିହ୍ନିପାରିବେନି।

**-ସୁସ୍ମିତା ବାରିକ୍**
ଅପରାଜିତା ଆପାର୍ଟମେଣ୍ଟ,
ବୁଦ୍ଧନଗର, ଭୁବନେଶ୍ୱର

# ଦର୍ପଣ

କିଏ କହିଲା
ଦର୍ପଣ କହେନା ମିଛ
ଦିନେ ତା' ସାମ୍ନାରେ ଠିଆ ହେଲି ତ
ପାଇଲିନି ମୋ ପ୍ରତିରୂପ
ଦେଖାଗଲା ଏକ ବିକଟ ଚିତ୍ର
କଦାକାର, କୁତ୍ସିତ।



ବନ୍ଧୁଙ୍କୁ କହିଲି
ଆସ ଦେଖିବ
ଦର୍ପଣ କେମିତି କହୁଛି ମିଛ
ବନ୍ଧୁ ଦେଖି ହସିଲେ
କହିଲେ ଠିକ୍ ତ ଦିଶୁଛି
ଦର୍ପଣରେ ତୁମ ସ୍ୱରୂପ
ଦର୍ପଣ ବା କାହିଁକି କହିବ ମିଛ ?

**-ଉମା ଶଙ୍କର ପାଳ**
ଜାଗମରା, ଭୁବନେଶ୍ୱର

# ଜୀବନ ଜମି

**-ବେଦପ୍ରକାଶ ନାୟକ**

ମଞ୍ଚ,ମାଇକ ଆଉ ଲୋକଙ୍କ ଭିଡ଼କୁ ଖୁବ୍ ଭୟକରେ ପ୍ରବୀଣ। ହେଲେ ସେଦିନ ତା'ର କ'ଣ ହୋଇଥିଲା କେଜାଣି ? ମାଇକ ହାତରେ ଧରି ପୃଷ୍ଠା ପରେ ପୃଷ୍ଠା କହିଚାଲିଥିଲା ତା' ଜୀବନ କାହାଣୀ ..

ଡଙ୍ଗାଭସାର ମାସ, କାର୍ତ୍ତିକ ମାସ, ଘରେ ଘରେ ଉତ୍ସବ, ଗାଁ ଗାଁରେ ପୂଜାପର୍ବ, ଠାକୁରଙ୍କ ମନ୍ଦିରରେ ଗୀତ ବାଜୁଥାଏ ହେଲେ ସବୁଦିନ ପରି ପ୍ରବୀଣର ବାପା ଯାଆନ୍ତି ବିଲକୁ, କି ଖରା କି ବର୍ଷା କି ବା ଜାଡ଼ ସବୁବେଳେ ସେଇ ଜମିକୁ ଚାହିଁ ବସିଥାନ୍ତି।

ପଚାରିଲେ କୁହନ୍ତି, ଆରେ ଜମି ଖଣ୍ଡିକ ଅଛି ବୋଲି ତ ପେଟରେ ମୁଠେ ଦାନା ପଡୁଛି। ନ ହେଲେ ଆଜି କୋଉଠି ଯାଇ ଭିକ ମାଗିଥାନ୍ତେ। ମୋ ପାଇଁ ମନ୍ଦିର, ମଠ, ସ୍ୱର୍ଗ ମୋ ଜମି। ମୁଁ ନିତି ଯିବି ସେଠିକୁ।

ହେଲେ ସମୟ ପାଖରେ ତ ସଭିଏଁ ମୁଣ୍ଡ ନୁଆନ୍ତି, କେବେ କେବେ ଈଶ୍ୱର ଶେଷ ଭରସାକୁ ବି ବୁଡ଼େଇ ଦିଅନ୍ତି ମଝି ନଈରେ।

ପ୍ରବୀଣ ସିଲେକ୍ଟ ହୋଇଛି ବିଦେଶରେ କେଉଁ ଏକ ବଡ଼ ବିଶ୍ୱବିଦ୍ୟାଳୟରେ। କୋଟିକରେ ଗୋଟିଏ ହେଲେ ସେଠି ପଢ଼ିବାକୁ ସୁଯୋଗ ମିଳେ। ଏ ଖବରରେ କେବଳ ପ୍ରବୀଣ ଖୁସି ନ ଥିଲା ସାରା ଗାଁ ଖୁସି ଥିଲା। ପ୍ରବୀଣର ବାପା ଏ ଖବର ଶୁଣି ନିଜ ସଞ୍ଚିତ କିଛି ଟଙ୍କା ଧୋତି ଧଡ଼ିରୁ କାଢ଼ି ମିଠା ଆଣି ବାଣ୍ଟିଥିଲେ, ହେଲେ କିଏ ଜାଣିଥିଲା ଏମିତି ଚଡ଼କଟିଏ ପଡ଼ିବ ବୋଲି। ବିଶ୍ୱବିଦ୍ୟାଳୟର ଚିଠିରେ ଲେଖାଥିଲା ଏଠି ପଢ଼ିବାର ଖର୍ଚ୍ଚ ବାର୍ଷିକ ଚାଳିଶ ହଜାର, ରହିବା ଖାଇବା କୋଡ଼ିଏ ହଜାର। ଆଉ ଏତେ ଦୂରକୁ ଯିବା ପାଇଁ ଗାଡ଼ି ଖର୍ଚ୍ଚ ନିହାତି ଦଶହଜାର।

ଆସନ୍ତାକାଲି କ'ଣ ରୋଷେଇ ହେବ ଏ ଚିନ୍ତା ଯୋଉ ପରିବାରକୁ ନିତି ଘାରୁଥାଏ ସେ ଘରେ ସତୁରି ହଜାର ଟଙ୍କା ତ ଏକ କଳା ସ୍ୱପ୍ନ। ଅସମ୍ଭବ ବାପାଙ୍କ ପାଟିରୁ ବାହାରି ଆସିଲା। ପ୍ରବୀଣ ସାମ୍ନାରେ କାନ୍ଦି ନ ପାରି ବାପା ଚାଲିଗଲେ ଜମି ପାଖକୁ,ଏମିତି କାନ୍ଦୁଥିଲେ ଲାଗୁଥିଲା ଆଜି ବୋଧେ କିଏ ଡାଲୁଅ ଜମିରେ ପାଣି ମଡ଼େଇବାକୁ ଆସିଛି।

ମାଟି କାନ୍ଥକୁ କାହିଁ କେତେକାଳୁ ଜାବୁଡ଼ି ଧରିଥିବା ବୋଉର ସେ ଈଶ୍ୱରଙ୍କ ଫଟୋ, ଯାହାଙ୍କ ଛବି ଆଜି ବି ଅସ୍ପଷ୍ଟ। ବୋଉ କୁହେ, ତା' ବାହାଘରକୁ ଆଣିଥିଲା ଏ ଫଟୋ। ଏ କୁଆଡ଼େ ତାଙ୍କ ଗାଁର ପ୍ରତ୍ୟକ୍ଷ ଠାକୁର, ଯାହା ମାଗିଲେ ମିଳେ ତାଙ୍କ ପାଖେ। ପ୍ରବୀଣ ଭାବୁଥିଲା ମୋ ବୋଉ ବୋଧେ କେବଳ ଗରିବୀ ମାଗିଛି ଗାଁ ଠାକୁରଙ୍କୁ। ବୋଉ ତା' ବିଶ୍ୱାସରେ ଲାଗିପଡ଼ିଲା ଫୁଲ ଚନ୍ଦନ ଦେଇ। ହେଲେ ଆମେ ସମସ୍ତେ ନିରୁପାୟ, ଫୁଲଚନ୍ଦନ ବଦଳରେ ଯଦି ସତୁରି ହଜାର ଟଙ୍କା ମିଳିଯାଅନ୍ତା,ଅକୁହା କାନ୍ଦରେ ଯଦି ଟଙ୍କା ମିଳିଯାଆନ୍ତା ପୃଥିବୀର ଅନେକ ଦୁଃଖ ସହଜ ହୋଇଯାଅନ୍ତା ସହିବାକୁ। ହେଲେ ମତେ ପଢ଼ିବାକୁ ଅଛି, ଘର ପାଇଁ ,ଗାଁ ପାଇଁ କିଛି କରିବାକୁ ଅଛି ଏକଥା ବାପା ଭଲରେ ଜାଣନ୍ତି। ଖୁବ୍ ଶୀତରାତିରେ କାନ୍ଧରେ ଖାଲି ଗାମୁଛା ଧରି ସେ ବାହାରିଗଲେ। ବୋଉ ଶୋଇଥାଏ, ମୁଁ ଚେଇଁଥାଏ।

ମୁଁ ବି ଚାଲିଲି ବାପାଙ୍କ ପଛେ ପଛେ, ବାପା ପହଞ୍ଚିଲେ ଜମିଦାର ଘରେ। ଜମିଦାର ବସି ମଦ ପିଉଥାନ୍ତି, ବାପା ହଠାତ୍ ତାଙ୍କ ପାଦ ଧରି କାନ୍ଦିବାକୁ ଲାଗିଲେ। ଅନେକ ସମୟ ପରେ ଗୁମାସ୍ତା ବାପାଙ୍କ ଟିପଚିହ୍ନ ନେଲେ ଆଉ କାଗଜରେ ଗୁଡ଼େଇ ଟଙ୍କା ଦେଲେ। ବାପା ଆସିବା ଆଗରୁ ମୁଁ ଘରେ ପହଞ୍ଚିଯାଇଥାଏ। ବାପା ବୋଉକୁ ଉଠେଇ କହିଲେ, ଆଉ ବ୍ୟସ୍ତ ହନି ଆମ ପୁଅ ପଢ଼ିବ, ତା' ସବୁ ଖୁସି ପୂରଣ ହେବ ଲୋ ନେ ଏ ଟଙ୍କା ନେ। ବୋଉ ଆଶ୍ଚର୍ଯ୍ୟ ! କୋଉଠୁ ଆଣିଲ ଏ ଟଙ୍କା। ଆରେ ତୋର ଏତେ କଥା ବୁଝିବା ଦରକାର ନାହିଁ, ନା କୁହ ମତେ କୋଉଠୁ ଆଣିଲ। ମୁଁ ଆମ ଜମି ବନ୍ଧକ ରଖିଦେଲି ଜମିଦାର ଘରେ, ଆଉ ଜମି ଯେତେବେଳେ ନାହିଁ ଏ ବଳଦ ଯୋଡ଼ା ରଖି କ'ଣ କରିବି । ତାଙ୍କୁ ବି ବିକିଦେଲି । ବୋଉ ପାଗଳୀ ହୋଇ କାନ୍ଦିବାକୁ ଲାଗିଲା।

ମୁଁ ଆଉ ପାରୁ ନ ଥାଏ। ଇଚ୍ଛା ହେଉଥାଏ କହିଦେବି କି ମୋର ଦରକାର ନାହିଁ ପାଠ ପଢ଼ା ,ମୁଁ ବି ଚାଷ କରିବି ଆମ ଜମିରେ। ସକାଳୁ ସକାଳୁ ବାପା ମତେ ବିଦେଶ ପଠେଇଦେଲେ।

ଲୁହ ସବୁ ଯେମିତି ବରଫ ହୋଇଯାଇଛି। ଦୁହିଁଙ୍କ ଆଖିରେ ଝରିବ ଝରିବ ହୋଇ ଅଟକିଛି ସେ ଆଖିରେ।

କଲେଜ ବେଶ୍ ଭଲ ଥିଲା, ପାଠ ବି ସବୁ ପଢ଼ି ହେଉଥିଲା, କ୍ଲାସ୍‌ରେ ପ୍ରଥମ ହେଲି ପ୍ରଥମ ବର୍ଷ । ହେଲେ ସବୁବେଳେ ବୋଉର ସେ କାନ୍ଦ, ବାପାଙ୍କ ସେ ଜମି ପ୍ରତି ପ୍ରବଳ ଆକର୍ଷଣ ମୋତେ ଆଉ ରଖି ଦେଉ ନ ଥାଏ। ସବୁବେଳେ ଗୋଟେ ଇଚ୍ଛା ଥାଏ କେମିତି ବନ୍ଧକମୁକ୍ତ ହେବ ଆମ ଜମି। ଆମ ସରକାରୀ ବ୍ୟବସ୍ଥାରେ ହଠାତ୍ ପାଠ ପଢ଼ି ଚାକିରି ପାଇବା ଯେ କେତେ କଷ୍ଟ ତାହା କ'ଣ ବୁଝିପାରିବ ଆମ ଜମି,ବାପା ଆଉ ଜମିଦାର।

ଭାବିଲି ବିକିଦେବି କିଡ୍‌ନୀ, ପାରିଲିନି ।

ପାଖ ରୁମ୍‌ର ସଞ୍ଜୟ କହିଲା, ଟଙ୍କା ଦରକାର। ହଁ କହିଲି। କହିଲା, ଆସ ରାତିରେ। ଚାଲିଲି ତା' ସହ। ଏକ ଅନ୍ଧାର ଜାଗାରେ ଅଟକିଥିଲା ଟ୍ରେନ୍। କହିଲା, ଆସ ଏ ଟ୍ରେନ୍‌ର ଯାତ୍ରୀଙ୍କ ବ୍ୟାଗ୍‌କୁ ଚୋରି କରିବା। ମୁଁ ପାରିବିନି କହିଲି । ସେ କହିଲା, ଘର କଥା ଭାବେ। ପେଟ ପୋଷ ନାହିଁ ଦୋଷ।

ମୁଁ ଚୋରି କଲି ହେଲେ ସେ ବ୍ୟାଗ୍‌ର ମାଲିକ ଧରିଲେ ମୋ ହାତ। ମୋ ଗାଲରେ ଦେଲେ ଶକ୍ତ ଏକ ଚାପୁଡ଼ା। ସକାଳୁ ମତେ ଧରି ହାଜର କଲେ ଆମ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷଙ୍କ ସାମ୍ନାରେ, ତଡ଼ାହେଲି କଲେଜରୁ। ମଉଳିଗଲା ଶେଷ ଆଶା, ଶେଷ ଭରସା ମୋ ବୋଉର, ମୋ ବାପାଙ୍କର, ଆମ ଜମିର।

ହେଲେ ଭାଗ୍ୟର ବରାଦ ଥିଲା ଭିନ୍ନ, ମତେ ଧରେଇଥିବା ଲୋକ ଆଉ କେହି ନୁହନ୍ତି, ଆମ ସହରର ମୁଖ୍ୟ ପୋଲିସ ସାହେବ ଥିଲେ।

ମତେ ସାଙ୍ଗରେ ନେଲେ ତାଙ୍କ ଘରକୁ, ଖୁବ୍ କାମ କରେଇଲେ,ପୋଲିସର ଟ୍ରେନିଂ ଦେଲେ, ଦୁଇଓଳି ଖାଇବାକୁ ଦେଲେ। ଆଉ ଏ ବର୍ଷ ପୋଲିସ ପରୀକ୍ଷାରେ ସମଗ୍ର ଓଡ଼ିଶାରେ ମୁଁ ସର୍ବାଧିକ ନମ୍ବର ରଖି ଆଜି ପୋଲିସ ଚାକିରି ପାଇଲି। ମୁଁ ପୋଲିସ ହେଲି । ଆଉ ଆଜିର ଏ ସଭାରେ ଆପଣ ମାନେ ଯେଉଁ ଜମି ଉପରେ ବସିଛନ୍ତି ଏ ଜମି ମୋ ବାପାଙ୍କ ଜମି,ଏ ଜମି ଏବେ ଆମ ଜମି। ବିଲର କେଉଁ ଏକ କୋଣରୁ କାନ୍ଦ ମିଶା ହସଟିଏ ଶୁଭୁଥିଲା ବାପା,ବୋଉଙ୍କର।

ଶୁଭୁଥିଲା ବାପା କହୁଥିଲେ, ଏ ଜମି ମୋର ମନ୍ଦିର, ଏ ଜମି ମୋର ମଠ, ଏ ଜମିକୁ ମୁଁ ନିତି ଆସିବି।

*-ବଳରାମପୁର, କୁଜଙ୍ଗ*

# ଟେନସନ୍‌ରେ ପରିଣିତି

ପରିଣିତି ଚୋପ୍ରାଙ୍କର ଟେନ୍‌ସନ ଏବେ ବଢ଼ିଯାଇଛି। କଥାଟିକୁ ସେ ଯେତେ ହାଲୁକା ଭାବରେ ନେବାକୁ ଚାହୁଁଛନ୍ତି ତାହା ତାଙ୍କୁ ସେତିକି ବୋଝ ପରି ଲାଗୁଛି। ସେପରି ଅଫର ଶୁଣିବା ପରେ ସିନା ସାଙ୍ଗେ ସାଙ୍ଗେ ସେ ହଁ ମାରିଦେଲେ, ହେଲେ ଯେତେବେଳେ ସେ ନେଇ ଚିନ୍ତା କଲେ ଏବେ କ'ଣ କରିବେ ତାଙ୍କୁ ବୁଦ୍ଧି ବାଟ ଦେଖାଯାଉନାହିଁ। କଥା କ'ଣ କି ପରିଣିତି ନିକଟରେ ଏକ ଅନଟାଇଟଲ୍‌ଡ ସିନେମା ସାଇନ୍ କରିଛନ୍ତି। ହେଲେ ଏଥିରେ ତାଙ୍କୁ ଏକ ଆଇଟମ ନମ୍ବରରେ ନାଚିବାକୁ ପଡ଼ିବ। ଖୁସିରେ ସେତେବେଳେ ସିନା ରାଜି ହୋଇଗଲେ ହେଲେ ଏଥିରେ ତାଙ୍କୁ ଯେଉଁ କଷ୍ଟ୍ୟୁମ ପିନ୍ଧି ଡ୍ୟାନ୍ସ କରିବାକୁ ହେବ ତାହା ଜାଣିବା ପରେ ତାଙ୍କର ଅକଲ ଗୁଡୁମ୍। ସତେଯେମିତି ତାଙ୍କୁ ଆବଶ୍ୟକତାଠାରୁ ଅଧିକ ବୋଲ୍ଡ ହେବାକୁ ପଡ଼ିବ। ତେଣୁ ଏହି ଆଇଟମ୍ ନମ୍ବରରେ ସେ ନାଚିବେ କି ନାହିଁ କିଛି ଫାଇନାଲ ନିଷ୍ପତ୍ତି ନେଇ ପାରୁନାହାନ୍ତି। ସେପଟେ ଶୁଣିବାକୁ ମିଳୁଛି ଯେ, ଏହି ଡ୍ୟାନ୍ସ ପାଇଁ ତାଙ୍କୁ ଆଶାତୀତ ରେମ୍ୟୁନିରେଶନ ଦିଆଯିବ ବୋଲି ପ୍ରଯୋଜକ ପରୋକ୍ଷରେ ସୂଚନା ଦେଇଛନ୍ତି। ହେଲେ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ତାଙ୍କୁ ପାଖାପାଖି ୧୫ ଦିନ ଲାଗିବ ବୋଲି କହିଛନ୍ତି ପରିଣିତି।


ପରିଣିତି



# ମନ ଦୁଃଖୀ କରିଛନ୍ତି ବାଣୀ

ସିନେମାଟି ସିନା ସୁପର ଡୁପର ହିଟ୍ ହେଲା, ହେଲେ ସବୁ କ୍ରେଡିଟ୍‌ର ହକ୍‌ଦାର ହୋଇଛନ୍ତି ଏହାର ନାୟକଦ୍ୱୟ– ହ୍ରିତିକ ଏବଂ ଟାଇଗର। ହେଲେ ଫିଲ୍ମର ଫିମେଲ୍ ଲିଡ୍ ଅର୍ଥାତ୍ ବାଣୀଙ୍କ ବିଷୟରେ କେହି ଆଲୋଚନା କରୁନାହାନ୍ତି। ଏକଥା ଜାଣିବା ପରେ ତାଙ୍କର ମନ କେମିତି ଦୁଃଖ ନ ହେବ କହୁନାହାନ୍ତି ? ହେଲେ କ'ଣ ବା କରିବେ ? ମନ କଥା ମନରେ ମାରି ଲୋକଦେଖାଣିଆ ହସୁଛନ୍ତି। ହଁ, ସିନେମାଟି ହେଲା 'ୱାର୍', ଯାହା ନିକଟରେ ୩୦୦କୋଟି କ୍ଲବରେ ସାମିଲ ହୋଇଛି। ଏପରି ସଫଳତା ପରେ ହ୍ରିତିକ ରୋଶନ ଏବଂ ଟାଇଗର ଶ୍ରଫଙ୍କ ଖୁସି କହିଲେ ନ ସରେ। ସିନେମାଟି ଦର୍ଶକାଦୃତ ହେବା ଜାଣିବା ପରେ ବାଣୀ ମଧ୍ୟ ଖୁସିରେ ଉଛୁଳି ଉଠିଥିଲେ। ହେଲେ ଏହାକୁ ନେଇ ଆଲୋଚନା ସମୟରେ ହ୍ରିତିକ ଏବଂ ଟାଇଗରଙ୍କୁ ଯେତେ ଗୁରୁତ୍ୱ ଦିଆଯାଉଛି ତାଙ୍କୁ ସେତିକି ଗୁରୁତ୍ୱ ଦିଆଯାଉନାହିଁ। ଏ ନେଇ ବାଣୀ କହନ୍ତି, 'ଫିଲ୍ମଟି ହିଟ୍ ହେବ ଏ କଥା ଆମେ ଶୁଟିଂ ସମୟରୁ ହିଁ ଜାଣିଥିଲୁ। କାରଣ ସେଥିରେ ସେପରି ମସଲା ରହିଥିଲା। ହେଲେ ନାୟିକା ଭାବରେ ମୋତେ କେହି ଅଧିକ ପଚାରୁ ନାହାନ୍ତି। ମୋର ସାକ୍ଷାତକାରକୁ କାଟଛାଣ୍ଟ କରାଯାଉଛି। ସେ ନେଇ ମନ ଦୁଃଖ ତ ହେଉଛି। ହେଲେ ଫିଲ୍ମରେ ମୋ ପରିଶ୍ରମର ଉପଯୁକ୍ତ ମୂଲ୍ୟ ମୋତେ ମିଳିଛି।' ବାଣୀଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୩ରୁ, ଆଉ ଫିଲ୍ମଟି ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ପ୍ରଥମ ସିନେମାରେ ହିଁ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲେ। ତେବେ ଆଗକୁ ବାଣୀ ନିଜ ଅଭିନୟ ଦକ୍ଷତାକୁ କିପରି ପ୍ରେଜେଣ୍ଟ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଗର୍ଲଫ୍ରେଣ୍ଡ ଚକ୍କରରେ ସବ୍ୟସାଚୀ

ସବ୍ୟସାଚୀ ଏବେ ଗର୍ଲଫ୍ରେଣ୍ଡ ଚକ୍କରରେ ଅଛନ୍ତି। ଖୋଲା ମିଜାଜ, ବିନ୍‌ଦାସ ଲାଇଫ। ହେଲେ କ'ଣ ହେବ, ମନଲାଖି ସୁନ୍ଦରୀଟିଏ ମିଳିଲେ ସେ ତାକୁ ହୃଦୟର ଏପରି ଜାଗାରେ ସାଇତି ରଖନ୍ତେ ଯେମିତି ଯେ କେହି ତାକୁ ତାଙ୍କଠାରୁ ଅଲଗା କରିପାରିବ ନାହିଁ। ସବ୍ୟସାଚୀଙ୍କ ଏହି ଗର୍ଲଫ୍ରେଣ୍ଡ ମିଶନ ବିଷୟରେ ଶୁଣି ଅନେକେ ନିଶ୍ଚୟ ଚମକି ଉଠିବେଣି। ହେଲେ ଏଭଳି ରୋଚକ କଥାକୁ ନେଇ କେହି ତର୍ଜମା କରିବା ପୂର୍ବରୁ ତା' ଉପରେ ଥିବା ପରଦା ହଟାଇଦେବା ଭଲ ହେବ। ଏହି କଥାଟି ସତ, ହେଲେ ତାହାର ଶତ ପ୍ରତିଶତ ସଂଯୋଗ ରହିଛି ଓଲିଉଡ୍‌ର ପାଗଳପ୍ରେମୀ ଭାବରେ ପରିଚିତ ସବ୍ୟସାଚୀ ଓରଫ ସବ୍ୟଙ୍କର ରିଲ୍ ଲାଇଫ ସହ। ଅସଲ କଥା ହେଲା, ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ମାଲ୍ ମହୁ ଜୀବନ ମାଟି–ଭାଗ୍ୟର ନୋ ଗ୍ୟାରେଣ୍ଟି'ରେ ତାଙ୍କୁ ଏପରି ଏକ ରୋମାଣ୍ଟିକ, କମେଡି ଏବଂ ଇମୋଶନାଲ ଭୂମିକା(ମାଇକେଲ୍) ମିଳିଛି। ଏ ସମ୍ପର୍କରେ ସବ୍ୟ କହନ୍ତି, 'ମାଇକେଲ ଖନା, ତେଣୁ ତାକୁ ସମସ୍ତେ ଥଟ୍ଟା କରନ୍ତି। ତାହାର ଦୁଇ ବର୍ଷରେ ଦାନ୍ତ ଉଠିଲା, ୧୫ବର୍ଷରେ ନିଶ ଦାଢ଼ି ଉଠିଲା, ହେଲେ ୨୫ବର୍ଷ ହୋଇଗଲାଣି ଗର୍ଲଫ୍ରେଣ୍ଡଟିଏ ମିଳୁନାହିଁ। କିନ୍ତୁ ସେ ଏପରି ଏକ ଚମତ୍କାର କରୁଛି ଯାହା ଚକକୁ ପୂରା ଓଲଟାଇ ଦେଉଛି। ଗୋଟିଏ ପ୍ରେମିକା ଖୋଜୁ ଖୋଜୁ ଏକାଥରେ ୪–୫ଟି ପ୍ରେମିକା ମିଳିଯାଇଛନ୍ତି। ହେଲେ ସେହି ଚମତ୍କାର କ'ଣ ତାହା ସିନେମା ଦେଖିଲେ ହିଁ ଜାଣିପାରିବେ। ଯଦି ମାଇକେଲ ରାଗିଯାଏ, ତେବେ ତା' ପାଟିରୁ ଗାଳି ଆଉ ହାତରୁ ମାଡ଼ ବନ୍ଧୁକରୁ ଗୁଳି ବାହାରିଲା ପରି ଚାଲେ। ମୋଟ ଉପରେ କହିବାକୁ ଗଲେ ଏହି ଦ୍ୱିଭାଷୀ (ଓଡ଼ିଆ, ଛତିଶଗଡି) ଫିଲ୍ମରେ କମେଡି ରହିଛି, ହେଲେ ଏହା ଅନେକଙ୍କ ପାଇଁ ଏକ ପ୍ରେରଣାଦାୟକ ସିନେମା ହେବ।' ଆମରା ଷ୍ଟୁଡିଓ ଏବଂ ଭେକ୍ଟର ଇନ୍‌ଫିନିଟି ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବୀନ ଭଣ୍ଡାରୀ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ। ସବ୍ୟସାଚୀଙ୍କ ବ୍ୟତୀତ ଏଥିରେ ଏଲିନା ସାମନ୍ତରାୟ, ବିଦୁସ୍ମିତା, ସ୍ୱପ୍ନା ପତି, ବିଜୁ ବଡଜେନା, କେକେ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ନଭେମ୍ବର ୮ରେ ପରଦା ଉପରକୁ ଆସୁଥିବା ଏହି ସିନେମାରେ ମାଇକେଲ ଭୂମିକାରେ ସବ୍ୟସାଚୀ କେତେ ବାଜିମାତ କରୁଛନ୍ତି ତାହାକୁ ହିଁ ଅପେକ୍ଷା।


ସବ୍ୟସାଚୀ



# ଚତୁର ସୁଶାନ୍ତ

କଥାରେ ଅଛି–ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନି। ଦେଖୁନାହାନ୍ତି, ତାଙ୍କୁ ଗୋଟିଏ ପ୍ରସଙ୍ଗରେ ପ୍ରଶ୍ନ ପଚାରିଲା ବେଳକୁ ସେ କେମିତି ଆଉ ଗୋଟିଏ ବିଷୟକୁ ନେଇ ଆଲୋଚନା ଆରମ୍ଭ କରିଦେଉଛନ୍ତି। ଯାହା କୁହନ୍ତୁ ନା କାହିଁକି ତାଙ୍କ ଭେଜାକୁ ମାନିବାକୁ ପଡ଼ିବ। କୌଣସି ପ୍ରକାରେ ସେ ମୁଖ୍ୟ ପ୍ରସଙ୍ଗ ଉପରକୁ ଆସିବାକୁ ସତେଯେମିତି ନାରାଜ। କଥା କ'ଣ କି ସୁଶାନ୍ତ ସିଂ ରାଜପୁତ ଏବେ ଇଟାଲୀରେ ଡେରା ପକାଇଛନ୍ତି। ସେଠାରେ ସେ ଅଭିନୟ କରୁଥିବା କୌଣସି ସିନେମାର ଶୁଟିଂ ତ ଚାଲିନି। ତେବେ ନିଶ୍ଚୟ ବୁଲିବାକୁ ଯାଇଥିବେ। ଏ କଥା ନିଶ୍ଚୟ ସତ। ହେଲେ ସେଠାରେ ସେ ଏକା ନାହାନ୍ତି, ସାଙ୍ଗରେ ଅଛନ୍ତି ଲଭ ବାର୍ଡ ରିୟା ଚକ୍ରବର୍ତ୍ତୀ। ଦୁହେଁ ବୁଲାବୁଲି କରିବା ସହ ଶପିଂର ମଜା ନେଉଛନ୍ତି। କିନ୍ତୁ ଏ କଥା ମାନିବାକୁ ସୁଶାନ୍ତ ନାରାଜ। ଏ ସମ୍ପର୍କରେ ସଫେଇ ଦେଇ ସେ କହନ୍ତି, 'ଯେହେତୁ ଶୁଟିଂରୁ ମୋତେ କିଛି ସପ୍ତାହ ବ୍ରେକ୍ ମିଳିଛି ତେଣୁ ମୁଁ ଏଠାକୁ ବୁଲିବାକୁ ଆସିଛି। ଏଠାରେ ପହଞ୍ଚିବା ପରେ ମୋର ରିୟାଙ୍କ ସହ ଦେଖା ହୋଇଥିଲା। ଆମେ ଏକାଠି ଆସିଛୁ ବୋଲି ଯାହା ଆଲୋଚନା ହେଉଛି ତାହା ମିଛ।' ତେବେ ସୁଶାନ୍ତ ବେଶ୍ ଚତୁରତାର ସହ ବିବାହ ପ୍ରସଙ୍ଗକୁ ଏଡାଇ ଦେଇଛନ୍ତି। ଦେଖାଯାଉ, କେଉଁ ପାଣି କୁଆଡେ ଯାଉଛି।



# ଚକୋଲେଟ୍ ପ୍ରିୟ ଅନନ୍ୟା

ଅନନ୍ୟା ପାଣ୍ଡେ। ଚଳିତ ବର୍ଷ ରିଲିଜ ହୋଇଥିବା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର ଟୁ'ରୁ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଛନ୍ତି। ଆଖି ସାମ୍‌ନାରେ ଲମ୍ବା କ୍ୟାରିୟର। ସେ ନେଇ ବେଶ୍ ମାପିଚୁପି ପାଦ ପକାଇବାକୁ ସ୍ଥିର କରିଛନ୍ତି ସେ। ହେଲେ କ'ଣ ଖାଇବାକୁ ତାଙ୍କୁ ସବୁଠାରୁ ବେଶି ଭଲ ଲାଗେ ଜାଣନ୍ତି ? ଚକୋଲେଟ୍। ତେଣୁ ସେ ଯୁଆଡେ ଗଲେ ନିଜ ପାଖରେ ଚକୋଲେଟ୍ ରଖିଥାଆନ୍ତି। ସେ ନିଜେ ତ ଖାଆନ୍ତି, ତା' ସହ ସାଙ୍ଗସାଥି କିଏ ଭେଟ ହେଲେ ତାଙ୍କୁ ଚକୋଲେଟ୍ ଗିଫ୍ଟ ଦେଇଥାଆନ୍ତି। ବରୁଣ ଧାୱନ, ରଣବୀର ସିଂଙ୍କ ଆକ୍ଟିଂ ତାଙ୍କୁ ବେଶି ପ୍ରଭାବିତ କରିଛି। ଟମ୍ ହିଡଲେଷ୍ଟନ୍ ଏବଂ 'ଟାଇଟାନିକ' ନାୟକ ଲିଓନାର୍ଡୋ ଡି'କାପ୍ରିଓ ହେଉଛନ୍ତି ତାଙ୍କର ପ୍ରିୟ ହଲିଉଡ୍ ଅଭିନେତା। ସମୟ ପାଇବା ମାତ୍ରେ ସେ କ'ଣ କରନ୍ତି ଜାଣନ୍ତି ? ମନପସନ୍ଦର ସିନେମାଟିଏ ଦେଖିବାକୁ ବସିପଡ଼ନ୍ତି। କେବଳ ସେତିକି ନୁହେଁ, ସେ ଜଣେ ସଙ୍ଗୀତପ୍ରେମୀ। ଖାସ୍ କଥା ହେଲା ମଞ୍ଚ ନାଟକଟିଏ ମଞ୍ଚସ୍ଥ ହେଉଛି ଶୁଣିବା ମାତ୍ରେ ତାକୁ ଦେଖିବାକୁ ସେ ଭୁଲି ନ ଥାନ୍ତି।

## ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କା ଘରକୁ ପଠାଇଥିଲି



ଶିକ୍ଷାବିତ୍ ତଥା ସାହିତ୍ୟିକ **ଭାଗୀରଥି ବେହେରା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଲଙ୍ଗଳେଶ୍ୱର ଗାଁରେ ମୋ ଜନ୍ମ। ବି.ଏସ୍‌ସି. ବି.ଏଡ୍. ପାସ୍ ପରେ ଭୁବନେଶ୍ୱରସ୍ଥିତ ଶବରସାହିରେ ନୂଆକରି ଖୋଲିଥିବା ଏକ ବେସରକାରୀ ଓଡ଼ିଆ ମିଡିୟମ ସ୍କୁଲରେ ଶିକ୍ଷକତା କଲି। ପାଖାପାଖି ୬ମାସ ପଢ଼େଇଲା ପରେ ବି ଦରମାର ଆଶା ସରକାରଙ୍କ ଅନୁଦାନ ନ ମିଳିବାରୁ ମଉଳିଗଲା। ତା'ପରେ ମୁଁ ସୁଦୂର ହିମାଚଳ ପ୍ରଦେଶସ୍ଥିତ ଏକ ନାମକରା ଇଂଲିଶ ମିଡିୟମ ସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ ଯୋଗଦେଲି। ଏହା ଥିଲା ୨୦୦୩ ମସିହାର କଥା। ମାସକ ପରେ ୮ ହଜାର ଟଙ୍କା ଦରମା ପାଇଲି। ସେଦିନ ମୋର ଖୁସି କହିଲେ ନ ସରେ। ରାତିସାରା ବସି ଭାବୁଥାଏ ଟଙ୍କାକୁ କେମିତି ଖର୍ଚ୍ଚ କରିବି। ପୁରୁଣା ଦିନ କଥା ସବୁ ମନେପଡ଼ିଯାଉଥାଏ। ଆମେ ଥିଲୁ ୭ ଭାଇଭଉଣୀ (୫ଭାଇ ଓ ୨ ଭଉଣୀ)। ମୁଁ ଥିଲି ସବା ସାନ। ଆମମାନଙ୍କୁ ମଣିଷ କରିବାକୁ ବାପା କେମିତି କଷ୍ଟ କରୁଥିଲେ। ତେଣୁ ଭାବିଲି ସବୁଯାକ ଟଙ୍କା ଘରକୁ ପଠାଇଦେବି। ବାପାବୋଉ ଯାହା କରିବେ। ଯଦି ସେମାନେ କିଛି ସଞ୍ଚୟ କଲେ, ତା'ହେଲେ ଗାଁରେ ଆମର ଭଲ ଘରଟିଏ ହୋଇପାରିବ। ଏମିତି ସବୁ କଥା ଭାବୁ ଭାବୁ ସକାଳ ହୋଇଗଲା। ନିତ୍ୟକର୍ମ ସାରି ସ୍କୁଲରେ ପହଞ୍ଚିଲା ପରେ ପ୍ରିନ୍ସିପାଲ ମୋତେ ତାଙ୍କ ଚାମ୍ବରଙ୍କୁ ଡାକି କହିଲେ- ''ତୁମେ ତୁମ ପ୍ରଥମ ଦରମା ଟଙ୍କା କେମିତି ଖର୍ଚ୍ଚ କରିବ ବୋଲି ଭାବିଛ।'' ମୁଁ କିଛି କହିବା ପୂର୍ବରୁ ସେ ପୁଣି କହିଲେ-''ଭାଗୀରଥି! ଦରମା ଟଙ୍କାରୁ ଘରକୁ ପଠାଅ ଅଧା, ମାନେ ୪ ହଜାର ଟଙ୍କା। ପାଖରେ ରଖ ବଳକାର ଅଧା, ମାନେ ୨ ହଜାର ଟଙ୍କା। ଆଉ ଯାହା ବଳିଲା ସେଥିରେ ନିଜ ପାଇଁ ଭଲ ପ୍ୟାଣ୍ଟଶାର୍ଟ କିଛି କିଣ। କାରଣ ଗୋଟିଏ ମଣିଷ ତା' ମାର୍ଜିତ ବେଶଭୂଷାରୁ ପରିଚୟ ପାଏ ଓ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୁଏ। ତୁମେ ନିଜକୁ ଦେଖ। ଅବଶ୍ୟ ତୁମେ ଜଣେ ଭଲ ଶିକ୍ଷକ। କିନ୍ତୁ ଯଦି ତୁମେ ପିନ୍ଧାପିନ୍ଧିରେ ଟିକେ ସଜାଗ ହୋଇଯିବ, ତା'ହେଲେ ପିଲାମାନଙ୍କର ତୁମେ ପ୍ରିୟ ଶିକ୍ଷକ ବି ହୋଇପାରିବ।'' ସେଦିନ ପ୍ରିନ୍ସିପାଲଙ୍କ କଥା ମୋ ମନକୁ ବେଶ୍ ପାଇଥିଲା। ତାଙ୍କ ପରାମର୍ଶ ଅନୁଯାୟୀ, ଘରକୁ ୪ ହଜାର ଟଙ୍କା ପଠାଇଦେଲି, ପାଖରେ ୨ ହଜାର ଟଙ୍କା ରଖିଲି। ଆଉ ବଳକା ୨ ହଜାର ଟଙ୍କା ଧରି ମାର୍କେଟ ଯାଇ ନିଜ ପାଇଁ ସୁଟ୍ ସଫାରି, ଭଲ ଜୋତା ଓ ଡ୍ରେସ୍ କିଣିଥିଲି। ତା'ସହିତ ସେଠାରେ ଥିବା ମା' ଭୀମାକାଳୀଙ୍କ ମନ୍ଦିରରେ ଭୋଗ ବି କରିଥିଲି। ଏହିପରି ଭାବେ ମୁଁ ମୋ ପ୍ରଥମ ଦରମାକୁ ଖର୍ଚ୍ଚ କରିଥିଲି। ପାଖାପାଖି ୫ ବର୍ଷ ହିମାଚଳ ପ୍ରଦେଶରେ ଶିକ୍ଷକତା କରିବା ପରେ ହାଇଦ୍ରାବାଦ ରେସିଡେନ୍ସିଆଲ ସ୍କୁଲରେ ଜଏନ୍ କରିଥିଲି। ସେଠାରେ ବି ୩ ବର୍ଷ କାମ କରି ବିହାରସ୍ଥିତ ଗ୍ରୀନ୍‌ଭ୍ୟାଲି ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା-ପ୍ରିନ୍ସିପାଲ ଭାବେ କିଛିଦିନ ଦାୟିତ୍ୱ ତୁଲାଇଥିଲି। ଏହାପରେ ଓଡ଼ିଶା ଫେରି ଆସିବାକୁ ଇଚ୍ଛାକରି ୨୦୧୪ରେ ବ୍ରହ୍ମପୁରସ୍ଥିତ ମାଉଣ୍ଟ-ଲିଟେରା ଜି-ସ୍କୁଲରେ ପ୍ରିନ୍ସିପାଲ ଭାବେ ଜଏନ୍ କଲି। ପାଖାପାଖି ବର୍ଷେ ଏଠାରେ କାମ କରିବା ପରେ ଟିକାବାଲିସ୍ଥିତ ଜିଲା ଶିକ୍ଷା ଓ ଶିକ୍ଷଣ ସଂସ୍ଥାନରେ ଶିକ୍ଷକ ପ୍ରଶିକ୍ଷକ ଭାବେ ବର୍ଷେ କାମ କରିଥିଲି। ଅବଶ୍ୟ ତା'ରି ଭିତରେ ମୁଁ ଓଇଏସ୍ ପରୀକ୍ଷା ଦେଇ ସାରିଥିଲି। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଖଲ୍ଲିକୋଟସ୍ଥିତ ମର୍ଦ୍ଦରାଜ ଉଚ୍ଚବିଦ୍ୟାଳୟରେ ୨୦୧୬ରେ ପ୍ରଧାନ ଶିକ୍ଷକ ଭାବେ ଯୋଗଦେବା ସହିତ ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲି। ପ୍ରାୟ ଦୁଇବର୍ଷ ଏମିତି ଚାଲିବା ପରେ ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ୍ ଅନ୍ତର୍ଗତ ନେହେରୁ ବହୁମୁଖୀ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଭାବେ ଯୋଗଦେଇଥିଲି, ଯେଉଁଠାରେ ଏବେ ବି କାର୍ଯ୍ୟରତ । ଚାକିରି ଜୀବନ ବାଦ୍ କବିତା, ଗପ, ଉପନ୍ୟାସ ଲେଖିବାରେ ବି ମୋର ରୁଚି ରହିଛି। ନବମଶ୍ରେଣୀରେ ପଢ଼ିଲା ବେଳେ 'ସାମାଜିକ ପ୍ରାଣୀ' ନାମକ ଏକ କବିତା ଲେଖିଥିଲି, ଯାହା 'ଶିଶୁଲିପି' ପତ୍ରିକାରେ ପ୍ରକାଶ ପାଇଥିଲା। ଆଉ ଯୁକ୍ତ ଦୁଇ ପଢ଼ିଲାବେଳେ 'ନୀଡ଼' ନାମକ ଏକ ପତ୍ରିକାର ସମ୍ପାଦନା କରିବା ସହ ପ୍ରକାଶନ ଦାୟିତ୍ୱ ବି ତୁଲାଇଥିଲି। ହେଲେ ଯେବେ ଓଡ଼ିଶା ଛାଡ଼ି ବାହାରକୁ ଚାକିରି କରିବାକୁ ଗଲି ସେଠାରେ ଆଉ ଓଡ଼ିଆ ଭାଷାରେ ଲେଖାଲେଖି କରିବାର ସୁଯୋଗ ପାଇଲି ନାହିଁ। ତେଣୁ ବାଧହୋଇ ହିନ୍ଦୀ ଭାଷାରେ ଲେଖିଲି। ହେଲେ ଯେବେ ହୃଦୟଙ୍ଗମ କଲି ମାତୃଭାଷାଠାରୁ ମୁଁ ଦୂରେଇଯାଉଛି ସେବେ ଓଡ଼ିଶା ଫେରି ଆସିବାକୁ ଚିନ୍ତାକଲି। ଓଡ଼ିଶା ଫେରିଆସି ଚାକିରି କଥା ବୁଝାବୁଝି କରିବା ସହ ୨୦୧୫ରେ ସାହିତ୍ୟ ମଞ୍ଚ ଗଞ୍ଜାମର 'କବିତା ଘର' ଗଢ଼ିଲି। ଏହି ମଞ୍ଚ ତରଫରୁ ପ୍ରତିବର୍ଷ ସାହିତ୍ୟ ଆସର, କବିତା ପାଠ, ପ୍ରତିଭା ସମ୍ମାନ ସମାରୋହ ଇତ୍ୟାଦି ଆୟୋଜନ କରାଯାଇଥାଏ। ତା'ସହିତ 'ଭାଗୀରଥି କବିତାର ଗଙ୍ଗା' ନାମକ ଏକ ବାର୍ଷିକ ମୁଖପତ୍ର ବି ଏହି ମଞ୍ଚ ତରଫରୁ ପ୍ରକାଶ ପାଇଥାଏ, ଯାହାର ସମ୍ପାଦନା ଓ ପ୍ରକାଶନ ଦାୟିତ୍ୱ ମୁଁ ହିଁ ବୁଝୁଛି। ତା'ଛଡ଼ା ଏ ଯାଏଁ ଏକା ଏକା ହୃଦୟ, ନଦୀର ନାମ ରତ୍ନମତୀ, ତମେ ନୁହଁ ଭୁଲିବାର ଇତ୍ୟାଦି କବିତା ସଂକଳନ, ତଟଶୂନ୍ୟ ଶୂନ୍ୟତା, ଅବୈଧ, ବ୍ରହ୍ମପୁର ଇତ୍ୟାଦି ଗଳ୍ପ ପୁସ୍ତକ ତଥା ମାନବ ଏକ ଆଦର୍ଶ ଶିକ୍ଷକ(ଉପନ୍ୟାସ), ବିରାନ ତଟ (ହିନ୍ଦୀ ଗଳ୍ପ ସଂକଳନ) ଏବଂ କାଳଜୟୀ କବିତା (ସଂକଳିତ ସଂକଳନ) ଇତ୍ୟାଦି ପୁସ୍ତକ ବି ମୋର ପ୍ରକାଶିତ ହୋଇସାରିଛି।

# ମନ ମନ୍ଦିରରେ କରୁଛି ପୂଜା, କେବେ ଆସିବ ମୋ ମନର ରଜା

**ପ୍ରଶ୍ନ-** ମନ ପ୍ରାଣ ଦେଇ ମୁଁ ମୋ ମନ ଭିତରେ ଜଣକୁ ପୂଜା କରୁଛି। ହେଲେ ସେ କେବେ ଆସିବ କହିବେ କି ସାଥୀ ?

*- ସୁନୀତା, ଯାଜପୁର*

**ଉତ୍ତର:** 'ମନ ମନ୍ଦିରରେ କରୁଛି ପୂଜା, କେବେ ଆସିବ ମୋ ମନର ରଜା।' ଯଦି ଆପଣଙ୍କ ମନରେ ସେହି ମନର ମଣିଷକୁ ନେଇ କୌଣସି ଆବିଳତା ନ ଥାଏ, ଆଉ ପୂଜାର ଫର୍ମୁଲା ଠିକ୍ ଥାଏ ; ତେବେ ଆପଣଙ୍କ ଆଶା ପୂରଣ ହେବ ବୋଲି ଭାବି ନିଅନ୍ତୁ।

**ପ୍ରଶ୍ନ-** ଯୁବକ-ଯୁବତୀଙ୍କ ଭିତରେ ବୁଝାମଣା ଯୋଗୁଁ ଲଭ୍ ମ୍ୟାରେଜ୍ ହୋଇଥାଏ। ହେଲେ ଅନେକ ସମୟରେ ସେମାନଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥାଏ କାହିଁକି ?

*- ବିଜୁ ସାହୁ, ଖଣ୍ଡାଏତା, କଟକ*

**ଉତ୍ତର:** ଏହା ସେମାନଙ୍କର ମାନସିକତା ଉପରେ ନିର୍ଭର କରେ। କାରଣ ପ୍ରେମ ପରେ ପରସ୍ପର ଭିତରେ ଉତ୍ତମ ବୁଝାମଣା ଯୋଗୁଁ ଅନେକେ ଲଭ୍ ମ୍ୟାରେଜ୍ କରିଥାଆନ୍ତି। ହେଲେ ପରବର୍ତ୍ତୀ ସମୟରେ କେତେକ କଥାକୁ ନେଇ ମନୋମାଳିନ୍ୟ, ଯୁକ୍ତିତର୍କ ହେବାର ନଜିର ରହିଛି। ଏହା ଧୀରେ ଧୀରେ କାୟା ବିସ୍ତାର କରି ସେମାନଙ୍କର ବୈବାହିକ ଜୀବନକୁ ପ୍ରଭାବିତ କରିଥାଏ। ଏପରି କି ସେମାନେ ଏହାକୁ ଆଧାର କରି ଛାଡ଼ପତ୍ର ଦେବାକୁ ପଛାଇ ନ ଥାଆନ୍ତି। ତେଣୁ ସେମାନଙ୍କ ଭିତରେ ବିଶ୍ୱାସର ବନ୍ଧ ଯେତେଦିନ ପର୍ଯ୍ୟନ୍ତ ମଜଭୁତ ରହିବ, ସେମାନଙ୍କ ସଂସାର ହସଖୁସିରେ ଚାଲିଥିବ।

**ପ୍ରଶ୍ନ-** ମୁଁ ଯାହାକୁ ଭଲ ପାଉଥିଲି, ସେ ମୋତେ ଧୋକା ଦେଇ ଆଉ କାହାକୁ ବାହା ହୋଇଗଲା। ଏହି ସମୟରେ ମୁଁ କାହାକୁ ଦୋଷ ଦେବି ଜାଣିପାରୁନି।

*- ଅଜିତ ନାୟକ, ରେଢ଼ାଖୋଲ*

**ଉତ୍ତର:** ଆଉ କାହାକୁ ଦୋଷ ନ ଦେଇ ସେହି ଘଟଣାକୁ ଅତୀତ ଭାବି ଯେତେଶୀଘ୍ର ଭୁଲିଯିବେ ଭଲ ହେବ। କାରଣ ମନ ଭିତରେ କୁହୁଳୁଥିବା ଏହି ନିଆଁକୁ ଯେତେ ସମ୍ଭବ ପ୍ରଶମିତ କରନ୍ତୁ। ନ ହେଲେ ସେମିତି ସେଥିରେ ସନ୍ତୁଳି ହେଉଥିବେ। ତେଣୁ ସେକଥାକୁ ଆଉ ଗୁରୁତ୍ୱ ନ ଦେଇ ନିଜର ଭବିଷ୍ୟତ ବିଷୟରେ ଚିନ୍ତା କଲେ ଭଲ।

**ପ୍ରଶ୍ନ-** ମୋତେ 'ଆଇ ଲଭ୍ ୟୁ' କହି ଜଣେ ଝିଅ ମୋ ସହ ଲୁଚକାଳି ଖେଳୁଛି। କ'ଣ କରିବି ?

*- ବିକାଶ ସାହୁ, ପୁରୀ*

**ଉତ୍ତର:** ଯଦି ସେହି ଲୁଚକାଳି ଖେଳରେ ପ୍ରେମର ମଜା ଅଛି, ତେବେ ଏଞ୍ଜୟ କରନ୍ତୁ। ଯଦି ସେଥିରେ ଧୋକାର ବାସ୍ନା ବାରି ପାରୁଛନ୍ତି, ତେବେ ଯେତେଶୀଘ୍ର ଚ୍ୟାନେଲ ଚେଞ୍ଜ କରିବେ ତାହା ଆପଣଙ୍କ ପାଇଁ ଭଲ ହେବ।

**ପ୍ରଶ୍ନ-** ପ୍ରେମ କଲେ ଡେଞ୍ଜର ବୋଲି ମୋର ଜଣେ ସାଙ୍ଗ ମୋତେ କହିବା ପରେ ମୋ ଛାତି ଧଡ଼ଧଡ଼ ହେଉଛି। ପ୍ରେମ କରିବାକୁ ସାହସ ହେଉନି। ମୋତେ କିଛି ଉପାୟ ବତାଇବେ କି ସାଥୀ ?

*- ଅନୁପ, ଢେଙ୍କାନାଳ*

**ଉତ୍ତର:** ପ୍ରେମ ଉପରେ ଯଦି ନିଜର ଭରସା ରହିଛି, ତେବେ ଆଉ କାହା କଥା ଶୁଣିବା କେତେଦୂର ଠିକ୍ ନିଜେ ଥଣ୍ଡା ମିଜାଜ୍‌ରେ ବିଚାର କରନ୍ତୁ। ପ୍ରେମକୁ ନେଇ କିଏ କ'ଣ କହିଦେଲା ତାକୁ ସିରିୟସ୍ ଭାବରେ ନେଲେ ଆପଣ କେବେ ପ୍ରେମ କରିପାରିବେ ନାହିଁ। ପ୍ରେମ କରିବା ପୂର୍ବରୁ ଠିକ୍-ଭୁଲ୍‌ର ନିଷ୍ପତ୍ତି ନିଜେ ହିଁ ନିଅନ୍ତୁ। ସବୁଠାରୁ ବଡ଼ କଥା ହେଲା, ମନରେ ସାହସ ଏବଂ ନିଜ ଉପରେ ଶତ ପ୍ରତିଶତ ଭରସା ରଖି ପ୍ରେମ କରିବାକୁ ଆଗାନ୍ତୁ।





# ଫ୍ୟାଶନରେ ଅଳତା







**ପୂଜା ପାର୍ବଣ ସମୟରେ ମହିଳାମାନେ ବି ଆକର୍ଷଣୀୟ ଦେଖାଯିବା ପାଇଁ ନିଜକୁ ଖୁବ୍ ସୁନ୍ଦର ଭାବେ ସଜାଇଥାନ୍ତି। ଝିଲ୍‌ମିଲ୍ ଡ୍ରେସ୍ କିମ୍ବା ଶାଢି ସାଙ୍ଗକୁ ମ୍ୟାଚିଂ ଜୁଏଲେରୀ ଆଉ ତା’ସହିତ ସୁନ୍ଦର ଦେଖାଯିବା ଭଳି ମେକ୍‌ଅପ୍ ସେମାନଙ୍କୁ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ସେହିପରି ପାଦକୁ ଆକର୍ଷଣୀୟ କରିବା ପାଇଁ ପାଉଁଜି ପିନ୍ଧିବା ସହ ଏହି ସମୟରେ ଅଳତାକୁ ବି ଗୁରୁତ୍ୱ ଦିଆଯାଇଥାଏ। ତେବେ ଆଜିକାଲି ଦେଖିବାକୁ ମିଳୁଛି, ଫ୍ୟାଶନେବଲ୍ ଦେଖାଯିବା ପାଇଁ ମହିଳାମାନେ ହାତରେ ସୁନ୍ଦର ସୁନ୍ଦର ଡିଜାଇନ୍‌ର ମେହେନ୍ଦି ଲଗାଇବା ପରି ପାଦରେ ବି କେତେ ଭିନ୍ନ ଭିନ୍ନ ଡିଜାଇନ୍‌ର ଅଳତା ଲଗାଉଛନ୍ତି, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

**ଚାନ୍ଦପଙ୍ଗି ଡିଜାଇନ୍:** ଅଳତା ଲଗାଇବାର ସବୁଠାରୁ ସହଜ ଓ ସରଳ ଡିଜାଇନ୍ ହେଉଛି ଚାନ୍ଦପଙ୍ଗି। ଏଥିରେ ପାଦ ଓ ଆଙ୍ଗୁଠିରେ ଅଳତା ଲଗାଇଲା ପରେ ମଝିରେ ଏକ ଛୋଟ ଚକ୍ରାକାର ଗୋଲ କରାଯାଇଥାଏ। ତା’ପରେ ସେହି ଗୋଲର ଉପର ଓ ତଳ ଭାଗରେ ଦୁଇଟି ପଙ୍ଗି  ଅଳତାରେ ଟଣାଯାଇଥାଏ। କିନ୍ତୁ ଏବେ ମହିଳାମାନେ ଚାନ୍ଦପଙ୍ଗି ଡିଜାଇନ୍‌କୁ ଆହୁରି ଆକର୍ଷଣୀୟ କରିବା ପାଇଁ ନିଜ ଇଚ୍ଛାନୁଯାୟୀ ଅଳତାରେ କେତେ ନୂଆ ନୂଆ ଡିଜାଇନ୍ ବି ପାଦରେ କରି ଦେଉଛନ୍ତି।

**ଅଳତା ଆଉଟ୍ ଲାଇନ୍ ଡିଜାଇନ୍:** ପାଦରେ କେବଳ ସିମ୍ପଲ ଡିଜାଇନ୍‌ର ଅଳତା ନ ଲଗାଇ ଆପଣ ଚାହିଁଲେ ସେଥିରେ କିଛି ଆଉଟ୍ ଲାଇନ୍ ବି କରିପାରିବେ। ଖାସ୍‌କରି ଲିଫ୍ ଡିଜାଇନ୍, ମୟୂର ଡିଜାଇନ୍ କିମ୍ବା ଅରବିକ୍ ଡିଜାଇନ୍‌ର ଆଉଟ୍ ଲାଇନ୍ ପାଦକୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ଯଦି ଏସବୁ ଡିଜାଇନ୍ କରିବାକୁ କଷ୍ଟ ହେବ ତା’ହେଲେ ଆପଣ ଚାହିଁଲେ ସିମ୍ପଲ୍ ପଙ୍ଗିବାଲା ଆଉଟ ଲାଇନ୍ ଡିଜାଇନ୍ ବି ପାଦରେ କରିପାରିବେ।


**ମେହେନ୍ଦି ସହିତ ଅଳତା:** ଯଦି ଆପଣ ପାଦକୁ ମେହେନ୍ଦି ସହିତ ଅଳତାରେ ସଜାଇବାକୁ ଚାହୁଁଥାନ୍ତି, ତା’ହେଲେ ପ୍ରଥମେ ପାଦରେ ମେହେନ୍ଦିରେ ସୁନ୍ଦର ଡିଜାଇନ୍ କରିଦିଅନ୍ତୁ। ତା’ପରେ ସେହି ମେହେନ୍ଦି ଡିଜାଇନ୍‌ର ଚାରିପଟେ ସରୁ କାଠି ସାହାଯ୍ୟରେ ଅଳତାରେ ଆଉଟ୍ ଲାଇନ୍ କରିପାରିବେ। ଏହା ବି ପାଦକୁ ଖୁବ୍ ସୁନ୍ଦର ଲୁକ୍ ଦେଇଥାଏ।

**ଜିଙ୍କ୍ ଅଳତାରେ ସଜାନ୍ତୁ ପାଦ:** ଆଜିକାଲି ମାର୍କେଟ୍‌ରେ ଏମିତି ଏକ ସ୍ୱତନ୍ତ୍ର ଧରଣର ଅଳତା ବି ମିଳିଲାଣି, ଯାହାକୁ ପାଦରେ ଲଗାଇଲେ ପାଦ ଆକର୍ଷଣୀୟ ଲାଗିବା ସହ ଆଲୋକରେ ଚିକ୍କ ଚିକ୍କ ବି କରିବ। କାରଣ ଏହି ଅଳତାରେ ଟିକେ ଜିଙ୍କ ଭାଗ ମିଶିକି ରହିଥାଏ।



**ଅଳତାରେ ବି ଲଗାଇପାରିବେ ମେହେନ୍ଦି:** ଆପଣ ଚାହିଁଲେ ସରୁ ବ୍ରସ୍ କିମ୍ବା କାଠି ସାହାଯ୍ୟରେ ପାଦରେ ଅଳତାର ମେହେନ୍ଦି ଡିଜାଇନ୍ ବି କରିପାରିବେ। ଏହା ଖୁବ୍ ସରୁ ସରୁ ଡିଜାଇନ୍‌ର ହୋଇଥିବାରୁ ପାଦକୁ ଏକ ଡିଫରେଣ୍ଟ ଲୁକ୍ ମିଳିଥାଏ। ସେହିପରି ଅଳତାର ଲେହେରିଆ ଡିଜାଇନ୍ ବି ପାଦକୁ ବେଶ୍ ଭଲ ମାନିଥାଏ।









ଜିପ୍ସିତା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ– ସୁଧା ଚନ୍ଦାନୀ,** pixelstory.in

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ହାଃ ହାଃ

## ଜୁଆ

ବାପା ପୁଅକୁ– ଦେଖ ପୁଅ ଏ ଜୁଆ ନିଶା ଛାଡି ଦେ । ଏ ଏମିତିକା ନିଶା ଯାହା ତତେ ବରବାଦ କରିଦେବ । ଆଜି ଜିତିଲେ କାଲି ହାରିଯିବୁ । ଯଦି କାଲି ଜିତିବୁ ତା ପରଦିନ ହାରିବୁ ।

ପୁଅ– ବାପା ବୁଝିଗଲି ।

ବାପା– କ'ଣ ବୁଝିଲୁ ?

ପୁଅ– ମୁଁ ଜୁଆ ସବୁଦିନ ନ ଖେଳି, ଗୋଟିଏ ଦିନ ଛାଡି ତା'ପରଦିନ ଖେଳିବି ।

## ମଙ୍କି

ଶିକ୍ଷକ ପପୁକୁ– ମଙ୍କିକୁ ହିନ୍ଦୀରେ କ'ଣ କହନ୍ତି ?

ପପୁ– ସାର୍, ବନ୍ଦର୍ ।

ଶିକ୍ଷକ– ତୁ ବହି ଦେଖିକି କହିଲୁ ନା । ରହ ତତେ ଦି'ଟା ଦଉଛି ।

ପପୁ–ନାଇଁ ସାର୍ ମୁଁ ବହି ଦେଖିକି କହିନି । ମୁଁ ତ ଆପଣଙ୍କୁ ଦେଖିକି କହିଲି ।

## ଡ୍ରାଇଭ୍

ଯୁବକ ଗର୍ଲଫ୍ରେଣ୍ଡକୁ–ମୁଁ ଏବେ ଫୋନ୍ ରଖୁଛି । ଡ୍ରାଇଭ୍ କରୁଛି ତ ପଛରେ କଥା ହେବି ।

ଗର୍ଲଫ୍ରେଣ୍ଡ– ଫୋନ୍‌ରେ କଥା ହୋଇ କ'ଣ ଡ୍ରାଇଭ୍ କରି ହେବନି ?

ଯୁବକ– ଗୋଟିଏ ହାତରେ କ'ଣ ରିକ୍ସା ଟର୍ନ କରିହେବ ।

# ଚାମୁଣ୍ଡେଶ୍ୱରୀ ମନ୍ଦିର

ମା' ଦୁର୍ଗାଙ୍କର ଏକ ସ୍ୱରୂପ 'ମା' ଚାମୁଣ୍ଡେଶ୍ୱରୀ'ଙ୍କୁ ସମର୍ପିତ ପବିତ୍ର ଚାମୁଣ୍ଡେଶ୍ୱରୀ ମନ୍ଦିରଟି କର୍ନାଟକର ମହୀଶୂରଠାରୁ ପ୍ରାୟ ୧୩ କି.ମି . ଦୂରରେ ଥିବା ଚାମୁଣ୍ଡୀ ନାମକ ପାହାଡ଼ ଉପରେ ଅବସ୍ଥିତ। ଏହା ଏକ ଶକ୍ତିପୀଠ ଭାବେ ବି ଜଣାଶୁଣା।





ସମୁଦ୍ର ପତ୍ତନଠାରୁ ଚାମୁଣ୍ଡେଶ୍ୱରୀ ମନ୍ଦିର ପ୍ରାୟ ୮୩୮ ଫୁଟ୍ ଉଚ୍ଚତାରେ ରହିଛି। ମା' ଦୁର୍ଗାଙ୍କର ଏକ ସ୍ୱରୂପ 'ମା ଚାମୁଣ୍ଡେଶ୍ୱରୀ'ଙ୍କୁ ଏହି ମନ୍ଦିରରେ ପୂଜା କରାଯାଇଥାଏ। ପ୍ରାକୃତିକ ବୈଭବରେ ଭରା ମା'ଙ୍କର ଏହି ପବିତ୍ର ଶକ୍ତିପୀଠରେ ସର୍ବଦା ଭକ୍ତଗଣଙ୍କ ଗହଳି ଲାଗି ରହିଥାଏ।

### ମନ୍ଦିରର ମହତ୍ତ୍ୱ

ପୃଥିବୀ ପୃଷ୍ଠରେ ଥିବା ୧୮ଟି ମହାଶକ୍ତିପୀଠ ମଧ୍ୟରୁ ଚାମୁଣ୍ଡେଶ୍ୱରୀ ମନ୍ଦିର ହେଉଛି ଅନ୍ୟତମ। ଏହାକୁ ଏକ ଶକ୍ତିପୀଠ କହିବା ପଛରେ ରହିଛି ଏକ କାହାଣୀ। ତାହା ହେଉଛି– ପିତା ଦକ୍ଷଙ୍କ ଦ୍ୱାରା ସ୍ୱାମୀ ଶିବଙ୍କର ଅପମାନ ହେଉଥିବାର ଦେଖି ମାତା ସତୀ ଯେତେବେଳେ ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଲେ ସେତେବେଳେ ପ୍ରଭୁ ଶିବ ପାଗଳପ୍ରାୟ ହୋଇ ମାତା ସତୀଙ୍କର ମରଶରୀରକୁ କାନ୍ଧରେ ଧରି ବ୍ରହ୍ମାଣ୍ଡ ସାରା ଘୂରି ବୁଲି ତାଣ୍ଡବନୃତ୍ୟ କଲେ। ଏହାଦ୍ୱାରା ବିଶ୍ୱ ବ୍ରହ୍ମାଣ୍ଡ ଧ୍ୱଂସହୋଇଯିବା ପରିସ୍ଥିତି ଉପୁଜିଲା। ତାହାକୁ ରୋକିବା ଏବଂ ଭଗବାନ ଶିବଙ୍କୁ ଶାନ୍ତ କରିବା ପାଇଁ ଶେଷରେ ଭଗବାନ ବିଷ୍ଣୁ ଚକ୍ରପେଷି ମାତା ସତୀଙ୍କର ଗୋଟିଏ ଗୋଟିଏ ଅଙ୍ଗକୁ କାଟିବାକୁ ଲାଗିଲେ। ମା'ଙ୍କର ଯେଉଁଠି ଯେଉଁଠି ଅଙ୍ଗ ପଡ଼ିଲା, ତାହା ପରବର୍ତ୍ତୀ ସମୟରେ ଗୋଟିଏ ଗୋଟିଏ ଶକ୍ତିପୀଠରେ ପରିଣତ ହେଲା। କର୍ନାଟକର ମହୀଶୂରସ୍ଥିତ ଏହି ସ୍ଥାନରେ ମାତା ସତୀଙ୍କର କୁଆଡ଼େ ଚୁଟି ପଡ଼ିଥିବାରୁ ତାହା ଶକ୍ତିପୀଠରେ ରୂପାନ୍ତରିତ ହୋଇଥିଲା ବୋଲି ବିଶ୍ୱାସ କରାଯାଇଥାଏ।

### ମନ୍ଦିରର କାରୁକାର୍ଯ୍ୟ


କିମ୍ବଦନ୍ତୀ ଅନୁଯାୟୀ, ପୌରାଣିକ ଯୁଗରେ ଏହି କ୍ଷେତ୍ର କୁଆଡ଼େ 'କ୍ରୌଞ୍ଚ ପୁରୀ' ନାମରେ ଜଣାଯାଉଥିଲା। ସେହି କାରଣ ପାଇଁ ଦକ୍ଷିଣ ଭାରତରେ ଏହି ମନ୍ଦିରକୁ କେହି କେହି 'କ୍ରୌଞ୍ଚା ପୀଠମ୍' ବୋଲି ମଧ୍ୟ କହୁଥିବା ଶୁଣିବାକୁ ମିଳିଥାଏ। ତା'ଛଡ଼ା ଏହି ଶକ୍ତିପୀଠର ସୁରକ୍ଷା ପାଇଁ ସର୍ବଦା ଉକ୍ତ ମନ୍ଦିରରେ କାଳଭୈରବ ମଧ୍ୟ ବିରାଜମାନ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଦ୍ରାବିଡ ଶୈଳୀରେ ନିର୍ମିତ ଏହି ମନ୍ଦିରରେ ଏକ ବିରାଟ ପ୍ରବେଶ ଦ୍ୱାର, ନବରଙ୍ଗ ସଭାମଣ୍ଡପ, ଅନ୍ତରାଳ ମଣ୍ଡପ, ଗର୍ଭଗୃହ ଇତ୍ୟାଦି ରହିଛି। ମନ୍ଦିରର ପ୍ରବେଶ ଦ୍ୱାର ନିକଟରେ ଭଗବାନ ଗଣେଶଙ୍କର ଏବଂ ମା'ଙ୍କର ବିଭିନ୍ନ ରୂପର ପ୍ରତିମାକୁ ସୂକ୍ଷ୍ମ କାରୁକାର୍ଯ୍ୟ ମାଧ୍ୟମରେ ସ୍ଥାପନା କରାଯାଇଥିବା ମଧ୍ୟ ଦେଖିବାକୁ ମିଳିଥାଏ।

### ମା'ଙ୍କ ମହିମା

ମା'ଚାମୁଣ୍ଡେଶ୍ୱରୀ ପ୍ରତ୍ୟକ୍ଷ ଦେବୀ। କୁହାଯାଏ, ତାଙ୍କର କରୁଣା ଭକ୍ତଗଣଙ୍କ ଉପରେ ସବୁବେଳେ ରହିଥାଏ। ବିପଦରେ ପଡ଼ିଥିବା ଭକ୍ତ ମା'ଙ୍କୁ ଗୁହାରି କଲେ ତାଙ୍କର ଦୁଃଖ ଦୂରହୋଇଯାଏ। ସେଥିପାଇଁ ବହୁ ଦୂରଦୂରାନ୍ତରୁ ଭକ୍ତମାନେ ଏଠାକୁ ଦର୍ଶନ ନିମନ୍ତେ ଆସିଥାନ୍ତି। ଆଷାଢ଼ ଶୁକ୍ରବାର, ନବରାତ୍ର, କାଳୀପୂଜା ତଥା ଚାମୁଣ୍ଡୀ ଜୟନ୍ତୀ ଇତ୍ୟାଦି ହେଉଛି ମା'ଙ୍କର ପ୍ରମୁଖ ପର୍ବ। ତେବେ ନବରାତ୍ର ସମୟରେ ମା'ଙ୍କୁ ବିଭିନ୍ନ ଆଭୂଷଣରେ ସଜାଯିବାର ପରମ୍ପରା ଏଠାରେ ରହିଛି। ସେହିପରି କାଳୀପୂଜାରେ ମଧ୍ୟ ମା'ଙ୍କର ଏକ ସ୍ୱତନ୍ତ୍ର ବେଶ ଓ ପୂଜାର ଆୟୋଜନ କରାଯାଇଥାଏ, ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗିଥାଏ।

### କେବେ ଓ କେମିତି ଯିବେ

ବୁଲାବୁଲି କରିବା ପାଇଁ ଏଠାକାର ଜଳବାୟୁ ବର୍ଷସାରା ବେଶ୍ ଅନୁକୂଳ ରହୁଥିଲେ ହେଁ ଦଶହରା ଓ ଦୀପାବଳି ସମୟରେ ଏଠାକୁ ଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଯାଏ। କାରଣ ପାର୍ବଣ ସମୟରେ ଏଠାରେ ସ୍ୱତନ୍ତ୍ର ପୂଜାବିଧି ଓ ମେଳାର ଆୟୋଜନ କରାଯାଇଥାଏ। ଏହା ଦେଖିବା ପାଇଁ ଦେଶବିଦେଶରୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ତା'ଛଡ଼ା ଚାମୁଣ୍ଡେଶ୍ୱରୀ ମନ୍ଦିରକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ମହୀଶୂର ଜଙ୍କ୍‌ସନ ରେଲୱେ ଷ୍ଟେଶନ ହେଉଛି ଏଠାକାର ଏକ ପ୍ରମୁଖ ରେଲଷ୍ଟେଶନ, ଯାହା ଚାମୁଣ୍ଡେଶ୍ୱରୀ ମନ୍ଦିରଠାରୁ ମାତ୍ର ୧୩ କି.ମି. ଦୂରରେ ଅବସ୍ଥିତ। ଷ୍ଟେଶନରୁ ଓହ୍ଲାଇ ମନ୍ଦିର ନିକଟକୁ ଯିବା ପାଇଁ ଏଠାରେ ଅଟୋର ସୁବିଧା ବି ରହିଛି। ସେହିପରି ଦେଶର ବିଭିନ୍ନ ସ୍ଥାନରୁ ମଧ୍ୟ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରୁଛି।





# ମଡ୍ କୁକିଜ୍





ବିବାହ, ବ୍ରତ ହେଉ ଅବା କୌଣସି ଫଙ୍କ୍‌ଶନ୍, ଅନେକ ସୁସ୍ୱାଦୁ ବ୍ୟଞ୍ଜନର ବ୍ୟବସ୍ଥା କରାଯାଏ । ଲୋକେ ଯେତିକି ଖାଆନ୍ତି ନଷ୍ଟ ଅଧିକ କରନ୍ତି । କୁଢ଼ କୁଢ଼ ଖାଦ୍ୟ ଅଳିଆଗଦାକୁ ଯାଏ । ତେବେ ଖାଲି କୌଣସି କାର୍ଯ୍ୟକ୍ରମରେ ନୁହେଁ ଏମିତିକି ଘରେ ଘରେ ଅନେକ ଖାଦ୍ୟ ନଷ୍ଟ ହୋଇଥାଏ । ୟୁନାଇଟେଡ ନେଶନ୍‌ସର ଫୁଡ୍ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେଶନ୍‌ର ରିପୋର୍ଟ ମୁତାବକ ପ୍ରାୟ ୧.୩ ଟନ୍ ଖାଦ୍ୟ ଉପଯୋଗୀ ଜିନିଷ ଅଳିଆଗଦାରେ ପକାଇ ଦିଆଯାଏ । କିନ୍ତୁ ପୃଥିବୀର ଏମିତି କିଛି ସ୍ଥାନ ଅଛି, ଯେଉଁଠି ଲୋକେ ଖାଇବାକୁ ନ ପାଇ ଅନାହାରରେ ମରି ମରି ଜିଅନ୍ତି । କିଛି ସ୍ଥାନରେ ତ ପେଟ ଚାଖଣ୍ଡକର ଜ୍ୱାଳା କମାଇବା ଲାଗି ଲୋକେ ଅଖାଦ୍ୟ ଖାଇବାକୁ ବାଧ୍ୟ ହୁଅନ୍ତି । ଯେମିତିକି ହୈତିରେ ଲୋକେ କାଦୁଅରେ ବିସ୍କୁଟ କରି ଖାଆନ୍ତି । ଫଳରେ ସେମାନେ ଅନେକ ରୋଗର ଶିକାର ହେଉଛନ୍ତି । ହେଲେ ପେଟର ଜ୍ୱାଳାକୁ ଶାନ୍ତ କରିବା ପାଇଁ ସେମାନେ ଏଭଳି କରିବାକୁ ବାଧ୍ୟ । ସେମାନେ ପାହାଡ଼ର ମାଟିକୁ ବରଦାନ ଭାବନ୍ତି । କାରଣ ଅନ୍ୟ ଖାଦ୍ୟ ନ ମିଳିବାରୁ ସେମାନେ ସେହି ମାଟିରେ ପାଣି ଓ ବନସ୍ପତି ତେଲ ମିଶାଇ ଏକ ଲେପ ପ୍ରସ୍ତୁତ କରନ୍ତି । ଆଉ ତା'ପରେ ତାକୁ ବିସ୍କୁଟର ଆକାର ଦେଇ ଖରାରେ ଶୁଖାନ୍ତି । ଶୁଖିବା ପରେ ତାକୁ ଖାଇଥାଆନ୍ତି । ନିଜ ପିଲାକୁ ସେମାନେ ଫଳମୂଳ ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ଦେବାକୁ ଚାହାନ୍ତି । ହେଲେ ଟଙ୍କା ନ ଥିବାରୁ ସେମାନେ ଏହି କାଦୁଅ ବିସ୍କୁଟ୍ ବା ମଡ୍ କୁକିଜ୍ ଦେଇଥାଆନ୍ତି ।

## କାର୍ଟୁନ କର୍ଣ୍ଣର



# ‘ଗୁପ୍ତ ସମ୍ପର୍କ’ର ଶ୍ରୀୟା



ଚିନ୍ମୟୀ

ଦୁଇବର୍ଷ ତଳେ ଓଡ଼ିଆ ଯାତ୍ରାଜଗତକୁ ଆସିଥିଲା ଗୋଟିଏ ନାଟକ ‘ଗୁପ୍ତ ସମ୍ପର୍କ’। ଏହି ନାଟକକୁ ନବଘନ ରାଉଳ ରଚନା କରିଥିବା ବେଳେ ଏହାର ନିର୍ଦ୍ଦେଶନା ଦେଇଥିଲେ ତାପସ ସ୍ୱାଇଁ। ନାଟକଟିକୁ ସାରା ଓଡ଼ିଶାର ଦର୍ଶକ ଗ୍ରହଣ କରିଥିଲେ। ନାଟକଟିର ସଫଳତା ଦୁଇବର୍ଷ ପରେ ମଧ୍ୟ ବଳବତ୍ତର ରହିଛି। ଯାତ୍ରାଶ୍ରୀ ‘ବିଶ୍ୱ ଦରବାର’ ଚଳିତବର୍ଷ ମଧ୍ୟ ଏହି ନାଟକ ପରିବେଷଣ କରି ବିଗତ ବର୍ଷଗୁଡ଼ିକର ଲୋକପ୍ରିୟତା ସାଉଣ୍ଟିବାରେ ସଫଳ ହେଉଛି। ତେବେ ଏଥିରେ କଳାକାର ପରିବର୍ତ୍ତନ ହୋଇ ସାରିଛନ୍ତି। ନାଟକର ଏକ ପ୍ରମୁଖ ଚରିତ୍ର ହେଉଛି ଶ୍ରୀୟା। ଏହି ଭୂମିକାରେ ବର୍ତ୍ତମାନ ଅଭିନୟ କରୁଛନ୍ତି ଅଭିନେତ୍ରୀ ଚିନ୍ମୟୀ ପଣ୍ଡା। ଚିନ୍ମୟୀ କହନ୍ତି, ଚରିତ୍ରଟି ଖୁବ୍ ସୁନ୍ଦର। ଏଥିରେ ଅଭିନୟକରି ସେ ଖୁବ୍ ଖୁସି ଅନୁଭବ କରୁଛନ୍ତି। ତାଙ୍କର ଜଣେ ବାନ୍ଧବୀ କିଭଳି ତାଙ୍କ ସହିତ ଅପ୍ରାକୃତିକ ପ୍ରେମ ସମ୍ବନ୍ଧ ରଖିବାକୁ ଚାହୁଁଛି ଆଉ ସମ୍ପର୍କ ରଖିବାରେ ବିଫଳ ହୋଇ କିଭଳି ତାକୁ ଦୁଃଖ କଷ୍ଟ ଦେଉଛି - ଏପରିକି ତାକୁ ମାନସିକ ରୋଗୀରେ ପରିଣତ କରିଦେଉଛି ତାହାକୁ ନେଇ ପ୍ରସ୍ତୁତ ହୋଇଛି ଏହି ଚରିତ୍ର। ଏଥିରେ ତାଙ୍କୁ ଅଭିନୟ କରିବା ପାଇଁ ଭରପୂର ସୁଯୋଗ ରହିଛି। ଚଳିତ ବର୍ଷ ‘ବିଶ୍ୱ ଦରବାର’ରେ ଚିନ୍ମୟୀ ଅଭିନୟ କରିଥିବା ଅନ୍ୟ ନାଟକଗୁଡ଼ିକ ମଧ୍ୟରେ ରହିଛି ଆକାଶ କଇଁଆ ଚିଲିକା ମାଛ, ତୁମ କଥା ଭାରି ମନେପଡୁଛି ଏବଂ ଚଉଠି ରାତିର ଚଉଦ କଥା।

ପିଲାଟି ବେଳୁ ଅଭିନୟ ଆଡ଼କୁ ଆକୃଷ୍ଟ ହୋଇଥିଲେ ଚିନ୍ମୟୀ। ଯାତ୍ରା ଅନୁଷ୍ଠାନ ‘ଦର୍ଶକ ମହଲ’ରେ ସେ ପ୍ରକ୍ସି-ନାୟିକା ଭାବରେ ନାୟିକା ମନ୍ଦାକିନୀଙ୍କ ସ୍ଥାନରେ ଯୋଗଦେଇ ତାଙ୍କର ଯାତ୍ରା କ୍ୟାରିଅର ଆରମ୍ଭ କରିଥିଲେ। ପରେ ପରେ ଆସିଲେ ‘ରଙ୍ଗମହଲ’ ଏବଂ ‘ଗୌରୀ ଗଣନାଟ୍ୟ’କୁ। ଚଳିତ ବର୍ଷ ସେ ଆସି ପହଞ୍ଚିଛନ୍ତି ଯାତ୍ରାଶ୍ରୀ ‘ବିଶ୍ୱ ଦରବାର’ରେ। ଏତଦ୍‌ବ୍ୟତୀତ ସେ କିଛିଦିନ ‘ଯାତ୍ରା ଭବାନୀ’ରେ ମଧ୍ୟ ଅଭିନୟ କରିଥିଲେ। ଚିନ୍ମୟୀଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି ‘ନ ଦିନ ପାଇଁ ନବକଳେବର’, ‘ମୁଁ ଈଶ୍ୱର ବେହେରା ଝିଅ’, ‘ମା’ଲୋ କଲିକତିଆ ବୋହୂ’, ‘ଦେଖିଲେ ଜାଣିବ ଦରଦ କେତେ’, ‘ସ୍ୱାମୀର ସିନ୍ଦୂର ସତ ଲାଗୁନି’, ‘ମୁଁ ବାହୁବଳି’, ଛ’ଣା ପୁରୁଷ ଦଶଣା ନାରୀ, ‘ଅନ୍ଧଦର୍ଶକ’, ‘ସଂସାରକୁ ମୋତେ ଡର ଲାଗୁଛି’ ଏବଂ ଆହୁରି ଅନେକ।

# ‘ମାୟାବିନୀ ମୌସୁମୀ’ରେ ନାରୀର କଥା

ନାରୀ ହେଉଛି ପ୍ରକୃତି ସ୍ୱରୂପା। ନାରୀ ହିଁ ଏ ପୁରୁଷ ପ୍ରାଧାନ୍ୟ ସମାଜର ଏକ ପ୍ରଧାନ ଉତ୍ସ। ନାରୀ ହସିଲେ ସମାଜ ହସେ। ନାରୀ କାନ୍ଦିଲେ ସମାଜ କାନ୍ଦେ। ଯେତେବେଳେ ନାରୀ ଆଖିରୁ ଲୁହ ଝରେ, ଯେତେବେଳେ ତା’ ନାକପୁଡ଼ାରୁ ତତଲା ନିଃଶ୍ୱାସ ବାହାରେ ସେତେବେଳେ ପୁରୁଷ ପ୍ରାଧାନ୍ୟ ସମାଜ ଧ୍ୱଂସ ହୋଇଯାଏ। ସେମିତି ଏକ କାହାଣୀକୁ ନେଇ ରଚିତ ହୋଇଛି ନାଟକ ‘ମାୟାବିନୀ ମୌସୁମୀ’।

ନାଟକର ଭାବବସ୍ତୁଟି ଏମିତି: ମୌସୁମୀର ଆଗମନରେ ମାଟି ହୁଏ ସବୁଜ ଶ୍ୟାମଳ। ଆନନ୍ଦରେ ବିଭୋର ହୁଏ ପୃଥିବୀ। ମୌସୁମୀ ମାୟାକଲେ ପୃଥିବୀ ହୁଏ ଧୂସର। ମାଟି ହୁଏ ମରୁଭୂମି। ସମୟର ମୌସୁମୀ ଭାଗ୍ୟର ମାଟି ଉପରେ ଯଦି କେବେ ମାୟାବିନୀ ସାଜି ମାୟାର ଖେଳ ଖେଳେ ତା’ହେଲେ ଜୀବନ ହୁଏ ବିପର୍ଯ୍ୟସ୍ତ। ମାୟାବିନୀ ମୌସୁମୀର ଉତ୍ତପ୍ତ ନିଃଶ୍ୱାସ ତଳେ ବିଚରା ମଣିଷ ଜଳିପୋଡ଼ି ଛାରଖାର ହୋଇଯାଏ।

ଏଭଳି ଏକ ସମ୍ବେଦନଶୀଳ କାହାଣୀକୁ ନେଇ ନାଟକଟିକୁ ରଚନା କରିଛନ୍ତି ନାଟ୍ୟକାର ଅଧ୍ୟାପକ ଚିନ୍ମୟ ଦାସ ଏବଂ ଏହାର ନିର୍ଦ୍ଦେଶନା ଦେଇଛନ୍ତି କିଶୋର ଖଣ୍ଡୁଆଳ। ଏହାର ସଂଗୀତ ଦାୟିତ୍ୱ ବିକାଶ ଶୁକ୍ଲା ତୁଲାଇଥିବା ବେଳେ ଗୀତ ରଚନା କରିଛନ୍ତି ନିଗମ ମିଶ୍ର। ନୃତ୍ୟ ବିଭାଗରେ ଅଛନ୍ତି ବାପିସାର୍। ଭାଇଭାଇର ପ୍ରେମ, ସନ୍ଦେହ, ପିତାର ଆଦର୍ଶ, ସାବତ ମା’ର ଈର୍ଷା, ବଡ଼ଭାଇର ତ୍ୟାଗ, ସ୍ୱାମୀ ସ୍ତ୍ରୀ ମଧ୍ୟରେ ଭୁଲ୍ ବୁଝାମଣା, ପ୍ରେମିକାର ଅନନ୍ୟ ପ୍ରେମ, ଖଳନାୟକର କୁତ୍ସିତ ଷଡ଼ଯନ୍ତ୍ର, ଦାରିଦ୍ର୍ୟର ଯନ୍ତ୍ରଣାରେ ଛଟପଟ ହେଉଥିବା ଭାଇ, ପୁରୁଷ ପୀଡ଼ିତା ଯାଜ୍ଞସେନୀର କଠୋର ପ୍ରତିଜ୍ଞା, ପରିସ୍ଥିତିର ନିଆଁରେ ଜଳି ଛଟପଟ ହେଉଥିବା ମଣିଷ ଆଦି ଘଟଣାକୁ ନେଇ ନାଟକଟି ବଳିଷ୍ଠ ହୋଇପାରିଛି। ବିନୋଦ, ବେବିନା, ରୀନା, ଲିଜା, ପୂଜା, ସାଇ ସୁରଜ, ଦୀପକ ବୋଷ, ଅଭି, ବ୍ରଜ, ବାପି, ଟୁକୁ ପ୍ରମୁଖଙ୍କ ଅଭିନୟ ଯେତିକି ଜୀବନ୍ତ ସେତିକି ପ୍ରଶଂସନୀୟ। ନାଟ୍ୟକାର ତଥା ଯାତ୍ରା ପରିଚାଳକ ବଙ୍କିମ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିବେଷିତ ହେଉଥିବା ନାଟକଟି ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇପାରୁଥିବା ଦର୍ଶକ ମହଲରୁ ଜଣାଯାଏ।



ବିନୋଦ-ବେବିନା


# ଆଙ୍ଗ୍ଲୋ-ସାକ୍ସନ ଶବ୍ଦ ‘ଏରଦା’ରୁ ‘ଆର୍ଥ’



ସୌରମଣ୍ଡଳର ଗ୍ରହଗୁଡ଼ିକର ନାମକରଣ ପ୍ରାୟତଃ ଗ୍ରୀକ୍ ବା ରୋମ୍ ଦେବତାଙ୍କ ନାମାନୁସାରେ ନାମିତ ହୋଇଥାଏ। ମାର୍ସ, ନେପ୍‌ଚ୍ୟୁନ୍ ଆଦି ଏହାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। ମାତ୍ର ଆମେ ବସବାସ କରୁଥିବା ତଥା ସୌରମଣ୍ଡଳର ଏକମାତ୍ର ଜୀବନୋପଯୋଗୀ ଗ୍ରହ ପୃଥିବୀର ନାମକରଣ ହେଉଛି ଏକ ବ୍ୟତିକ୍ରମ। ତଥ୍ୟ ଅନୁଯାୟୀ, ପୃଥିବୀର ନାମକରଣ ଏକ ଆଙ୍ଗ୍ଲୋ-ସାକ୍ସନ ଶବ୍ଦରୁ ହିଁ ହୋଇଛି। ପୃଥିବୀର ଇଂରାଜୀ ଶବ୍ଦରୂପ ହେଉଛି ‘ଆର୍ଥ’। ଏହା ଆଙ୍ଗ୍ଲୋ-ସାକ୍ସନ ଶବ୍ଦ ‘ଏରଦା’ରୁ ଆସିଛି। ଆଙ୍ଗ୍ଲୋ-ସାକ୍ସନ ଶବ୍ଦ ‘ଏରଦା’ର ଅର୍ଥ ହେଉଛି ଭୂମି ଏବଂ ପାଣି। କେବଳ ଆମ ପୃଥିବୀରେ ହିଁ ଏହି ଦୁଇଗୋଟି ପଦାର୍ଥ ମିଳିଥାଏ। ତଥ୍ୟ ଅନୁଯାୟୀ, ପୃଥିବୀର ୭୧ ପ୍ରତିଶତ ଭାଗ ଜଳ ହୋଇଥିବା ବେଳେ ବାକିଭାଗ ହେଉଛି ମାଟି। ସେଥିଲାଗି ‘ଏର୍‌ଦା’ ଶବ୍ଦରୁ ‘ଆର୍ଥ’କୁ ରୂପାନ୍ତରିତ କରି ପୃଥିବୀର ନାମକରଣ କରାଯାଇଥିବା ଗବେଷକମାନେ ମତବ୍ୟକ୍ତ କରନ୍ତି। ସେତିକି ନୁହେଁ, ଆମେ ସମସ୍ତେ ଜାଣନ୍ତି ଯେ, ଦିନରାତି ମିଶି ୨୪ଘଣ୍ଟା। ଏକଥା ଯାହାକୁ ପଚାରିଲେ ବି ସେ କହିଦେଇପାରିବ । ୨୪ ଘଣ୍ଟାରେ ଗୋଟିଏ ଦିନ। ମାତ୍ର ବାସ୍ତବ ତଥ୍ୟ ହେଉଛି ଭିନ୍ନ। ତଥ୍ୟ ଅନୁଯାୟୀ, ବାସ୍ତବରେ ଦିନରାତି ମିଶି ଚବିଶ ଘଣ୍ଟା ନୁହେଁ। ବାସ୍ତବ ସମୟ ହେଉଛି ୨୩ ଘଣ୍ଟା ୫୬ ମିନିଟ୍ ଏବଂ ୪ ସେକେଣ୍ଡ। ଉଭୟ ଦିନ ଏବଂ ରାତି ମିଶି ମୋଟ୍ ୨୩ଘଣ୍ଟା ୫୬ମିନିଟ୍‌ରୁ ସାମାନ୍ୟ ବେଶି। କେବଳ ସମୟରେ ଏକ ସମାନ୍ତରାଳତା ରକ୍ଷା କରିବା ପାଇଁ ବହୁ ପ୍ରାଚୀନ କାଳରେ ଗୋଟିଏ ଦିନକୁ ମୋଟ୍ ୨୪ ଘଣ୍ଟାରେ ବିଭକ୍ତ କରାଯାଇଛି।

ବ୍ୟାକ୍ ପେଜ୍









# ବେସାହାରା ପ୍ରାଣୀଙ୍କ ସାହାରା ୯ ବର୍ଷର ବାଳକ

ଅନେକ ସମୟରେ ପାଖରେ ଟଙ୍କା ଥାଇ ବି ମନରେ ଅନ୍ୟକୁ ସାହାଯ୍ୟ କରିବା ମନୋବୃତ୍ତି ନ ଥିବା ଯୋଗୁ ଲୋକେ ଅନ୍ୟର ଅସୁବିଧା ଦେଖି ବି ଅଣଦେଖା କରିଦିଅନ୍ତି। ତେବେ ଋଷ୍‌ର ଜଣେ ୯ ବର୍ଷର ବାଳକ ପାଭେଲ ଆବ୍ରାମଭ୍‌ଙ୍କ ପାଖରେ ନଥିଲା ଅର୍ଥ। ହେଲେ ମନରେ ଥିଲା ସାହାଯ୍ୟ କରିବାର ମନୋବୃତ୍ତି। ତେଣୁ ଏହି ଇଚ୍ଛାକୁ ପୂରଣ କରିବା ଲାଗି ସେ କୁକୁର, ବିଲେଇ ଭଳି ବିଭିନ୍ନ ପ୍ରାଣୀଙ୍କ ପେଣ୍ଟିଂ କରିବା ଆରମ୍ଭ କଲେ। ଆଉ ତାକୁ ବିକ୍ରି କଲେ। ଯେଉଁ ଅର୍ଥ ମିଳିଲା ସେଥିରେ ସେ ନିଜ ପାଇଁ ଖେଳଣା ନ କିଣି ବରଂ କିଣିଲେ ବେସାହାରା କୁକୁର, ବିଲେଇଙ୍କ ପାଇଁ ଖାଦ୍ୟ। ଆଉ ତାକୁ ସେହି ପ୍ରାଣୀ ରହୁଥିବା ଆଶ୍ରୟସ୍ଥଳରେ ଦାନ କଲେ। ପାଭେଲ ଓ ତାଙ୍କ ମା' ଏହି ଅଭିଯାନର ନାଁ ଦେଲେ 'କାଇଣ୍ଡ ପେଣ୍ଟବ୍ରଶ୍'। ଏକ ବର୍ଷ ତଳେ ପାଭେଲ ଆରମ୍ଭ କରିଛନ୍ତି ଏହି ମହତ କାର୍ଯ୍ୟ। ଏଥିରେ ତାଙ୍କ ମା' ସହଯୋଗ କରୁଛନ୍ତି। ପାଭେଲ ବିଭିନ୍ନ ପୋଷା ପ୍ରାଣୀଙ୍କ ପେଣ୍ଟିଂ କରନ୍ତି। ଆଉ ତାଙ୍କ ମାଲିକମାନେ ଖୁସିରେ ଅର୍ଥ ପ୍ରଦାନ କରନ୍ତି। ତାଙ୍କର ଏହି ମହତ କାର୍ଯ୍ୟରେ ସହଯୋଗ କରିବା ପାଇଁ ଏବେ ସ୍ପେନ, ଜର୍ମାନୀରୁ ବି ପେଣ୍ଟିଂ ଅର୍ଡର ଆସୁଛି। ପାଭେଲ ପେଣ୍ଟିଂ ବଦଳରେ ଅର୍ଥ ନଚେତ୍ ପ୍ରାଣୀ ଖାଇବା ଲାଗି ଖାଦ୍ୟ ଓ ଔଷଧ ବରାଦ କରନ୍ତି। ଆଉ ତାକୁ ବେସାହାରା ପ୍ରାଣୀ ରହୁଥିବା ଆଶ୍ରୟସ୍ଥଳରେ ଦାନ କରନ୍ତି। ଭବିଷ୍ୟତରେ ପାଭେଲ ନିଜର ଏକ ପ୍ରାଣୀ ଆଶ୍ରୟସ୍ଥଳ କରିବାକୁ ଯୋଜନା ରଖିଛନ୍ତି।



## ଫିଙ୍ଗର୍ ଟାଟୁ

ଟାଟୁ କ୍ରେଜ୍ ତ ପିଲାଠୁ ବୁଢ଼ା ସମସ୍ତଙ୍କଠାରେ ଦେଖିବାକୁ ମିଳୁଛି। କିଏ ହାତରେ ତ କିଏ ବେକରେ ଆଉ କିଏ ମୁହଁ ଅବା ଦେହର ବିଭିନ୍ନ ସ୍ଥାନରେ ଟାଟୁ କରାଇଥାଆନ୍ତି। ତେବେ ନିକଟରେ ଫିଙ୍ଗର ଟାଟୁର କ୍ରେଜ୍ ବେଶ୍ ଦେଖିବାକୁ ମିଳୁଛି। ବିଭିନ୍ନ ଜୀବଜନ୍ତୁ, ଫୁଲପତ୍ର ସହ ଅନେକ ସୃଜନଶୀଳ ଅବଷ୍ଟ୍ରାକ୍ଟ ଟାଟୁ ବି ଆଙ୍ଗୁଠିରେ କରାଯାଉଛି। କପଲ୍‌ମାନେ ତ ଫିଙ୍ଗର୍ ଟାଟୁକୁ ବେଶ୍ ପସନ୍ଦ କରୁଛନ୍ତି। କାରଣ ଏହି ଟାଟୁରେ ବିଭିନ୍ନ ଭେରାଇଟି ଉପଲବ୍ଧ ହେଉଛି। ସେଲିବ୍ରିଟି ବି ଫିଙ୍ଗର୍ ଟାଟୁ ମୋହରୁ ବର୍ତ୍ତି ପାରି ନାହାନ୍ତି। ବହୁ ହଲିଉଡ୍ ସେଲିବ୍ରିଟି ଏହାକୁ ଆପଣେଇ ସାରିଲେଣି।









## ୧ କି.ଗ୍ରା. ଓଜନର ସୁନା କାନଫୁଲ

ଭାରତର ବହୁ ପୁରୁଣା ସୁନା ଗହଣା ନିର୍ମାତା ଜିଆର୍‌ଟି ଜୁଏଲର୍ ନିକଟରେ ଉନ୍ମୋଚନ କରିଛନ୍ତି ୧ କି.ଗ୍ରା. ଓଜନର ଏକ ଝୁମ୍‌କା ଇୟରିଂ। ଏହି ବିରାଟକାୟ ଇୟରିଂ ସମ୍ପୂର୍ଣ୍ଣଭାବେ ହାତ ତିଆରି। ବିଶ୍ୱାସ କରାଯାଉଛି ଏହା ହେଉଛି ପୃଥିବୀର ସବୁଠାରୁ ବଡ଼ ଇୟରିଂ। ଦକ୍ଷିଣ ଭାରତୀୟ ଅଭିନେତ୍ରୀ ନୟନତାରା ଦୁବାଇରେ ଏହାକୁ ଉନ୍ମୋଚନ କରିଥିଲେ। ଉକ୍ତ ଇୟରିଂର ମୂଲ୍ୟ ପ୍ରାୟ ୩୬ ଲକ୍ଷ । ୨୨ କ୍ୟାରେଟ୍ ସୁନାରେ ତିଆରି ଉକ୍ତ ଇୟରିଂ ଜିଆର୍‌ଟି ଜୁଏଲର୍‌ଙ୍କ ସଫଳ ୫୦ ବର୍ଷ ଯାତ୍ରାର ଖୁସିରେ କରାଯାଇଥିଲା।